

# ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ ଅଧିନରେ
# ସ୍ୱୟଂ ସହାୟକ ଦଳ ଗଠନ ଓ ସଶକ୍ତିକରଣ
# ଏବଂ ବିଭିନ୍ନ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ସମ୍ବନ୍ଧୀୟ
# ମାର୍ଗଦର୍ଶିକା


**ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-ଦ୍ୱିତୀୟ ପର୍ଯ୍ୟାୟ**

ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି

ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ ଅଧିନରେ
ସ୍ୱୟଂ ସହାୟକ ଦଳ ଗଠନ ଓ ସଶକ୍ତିକରଣ
ଏବଂ ବିଭିନ୍ନ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ସମ୍ବନ୍ଧୀୟ

# ମାର୍ଗଦର୍ଶିକା

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-ଦ୍ୱିତୀୟ ପର୍ଯ୍ୟାୟ

ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି

ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ ଅଧିନରେ
ସ୍ୱୟଂ ସହାୟକ ଦଳ ଗଠନ ଓ ସଶକ୍ତିକରଣ
ଏବଂ ବିଭିନ୍ନ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ସମ୍ବନ୍ଧୀୟ
ମାର୍ଗଦର୍ଶିକା

**ପ୍ରକାଶକ:**
ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି
ଏସ୍.ଏଫ୍.ଟି.ଆର୍.ଆଇ କେନ୍ଦ୍ର,
ଘାଟିକିଆ, ଭୁବନେଶ୍ୱର-୭୫୧୦୦୯
ଜଙ୍ଗଲ ଓ ପରିବେଶ ବିଭାଗ ଓଡ଼ିଶା ସରକାର

**ମୁଦ୍ରଣ : ଅପ୍ରେଲ ୨୦୧୯**

ଏହି ପୁସ୍ତକର ସତ୍ତ୍ୱାଧିକାର
ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି ନିକଟରେ ସଂରକ୍ଷିତ

**ୱେବ୍‌ସାଇଟ୍:**
www.ofsds.in

webmail@ofsdp.org
0674-2386016

**ଅଳଂକରଣ ଓ ମୁଦ୍ରଣ:**
କେତକୀ ଏଣ୍ଟରପ୍ରାଇଜେସ୍ ପ୍ରା. ଲିଃ.
ୟୁନିଟ୍-ଥାର୍ଡ଼ ଆଇ କମ୍ୟୁନିକେସନ୍
ଭୁବନେଶ୍ୱର



**ଲଳିତ କୁମାର ତିୱାରୀ,** ଆଇ.ଏଫ୍.ଏସ୍.
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପ୍ରକଳ୍ପ) ଏବଂ ପ୍ରକଳ୍ପ ନିର୍ଦ୍ଦେଶକ
ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି

# ମୁଖବନ୍ଧ

ମହିଳାମାନଙ୍କର ନିରନ୍ତର ଅର୍ଥନୈତିକ ଉନ୍ନତି ପାଇଁ ସେମାନଙ୍କର ସଶକ୍ତିକରଣ ଏକାନ୍ତ ଆବଶ୍ୟକ ଏବଂ ଏହା ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ/ଦଳ ସ୍ୱୟଂ ସହାୟକ ଦଳ ଗଠନ ଓ ଏହାର ଉନ୍ନତିକରଣ ଦ୍ୱାରା ସମ୍ଭବପର ହୋଇପାରିବ। ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ସରକାର ଏକ ମୁଖ୍ୟ ରଣକୌଶଳ ରୂପେ ହାତକୁ ନେଇଛନ୍ତି। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ (OFSDP-II)ର ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ଏହି ପ୍ରକଳ୍ପ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ସହ ଆନ୍ତଃ-ବିଭାଗୀୟ ସଂଯୋଗୀକରଣ ମାଧ୍ୟମରେ କିପରି ଉତ୍ତମ ଜୀବିକା ଅର୍ଜନର ବିଭିନ୍ନ ପନ୍ଥା ସୃଷ୍ଟି କରିପାରିବ ଏବଂ ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକମାନଙ୍କ ରୋଜଗାର ବୃଦ୍ଧିରେ କିପରି ସହାୟକ ହୋଇ ପାରିବ ତାହାର ସମ୍ପୂର୍ଣ୍ଣ ବନ୍ଦୋବସ୍ତ କରାଯାଇଛି।

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ (OFSDP-II) ଅନ୍ତର୍ଭୁକ୍ତ ଗ୍ରାମମାନଙ୍କର ଗ୍ରାମ ଗୋଷ୍ଠୀମାନଙ୍କୁ ଜୀବିକା ଅର୍ଜନର ସହାୟତା ପାଇଁ ନୂତନ ଭାବେ ୩୬୦୦ ମହିଳା ସ୍ୱୟଂ ସହାୟକ ଦଳ ଗଠନର ଯୋଜନା ପ୍ରସ୍ତୁତ କରାଯାଇଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ଗ୍ରାମର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରସ୍ତୁତ ଅଣୁଯୋଜନା ଏବଂ ବାର୍ଷିକ ଯୋଜନା ପ୍ରସ୍ତୁତିର ସୁବିଧାକୁ ହାତକୁ ନେଇ ଗ୍ରାମର ସ୍ୱାସ୍ଥ୍ୟ, ପୁଷ୍ଟି ସାଧନ ଏବଂ ସାକ୍ଷରତା କାର୍ଯ୍ୟକ୍ରମଗୁଡ଼ିକୁ ସେମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ହାତକୁ ନେବେ ଓ ଏହା ସହିତ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ମଧ୍ୟ ଏକସଙ୍ଗେ ଚାଲୁ ରଖି ପାରିବେ।

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅଧୀନରେ, ଜଙ୍ଗଲ ଉପରେ ନିର୍ଭରଶୀଳ ଗ୍ରାମବାସୀମାନଙ୍କ ଦାରିଦ୍ର୍ୟ ଦୂରୀକରଣ ପାଇଁ ଚାଲୁଥିବା ବିଭିନ୍ନ ଜୀବିକା ଅର୍ଜନ ପନ୍ଥାମାନଙ୍କର ଉନ୍ନତିକରଣ ସହ ଅନ୍ୟାନ୍ୟ ବିକଳ୍ପ ନିରନ୍ତର ଜୀବିକା ଅର୍ଜନ ପନ୍ଥାଗୁଡ଼ିକ ବିଷୟରେ ମଧ୍ୟ ଚିନ୍ତା କରାଯାଇଛି। ସେଗୁଡ଼ିକ ଯେପରି ଅର୍ଥନୈତିକ, ସାମାଜିକ ଏବଂ ପରିବେଶକୁ ଖାପଖୁଆଇ ନିରନ୍ତର ଭାବେ ସେମାନଙ୍କର ଜୀବିକା ଅର୍ଜନରେ ସହାୟକ ହେବ, ସେ ବିଷୟରେ ମଧ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି।

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଉନ୍ନତି ଓ ନିରନ୍ତରତା ବଜାୟ ରଖିବା ପାଇଁ ସେମାନଙ୍କ ବ୍ୟବସାୟିକ ଯୋଜନା ପ୍ରସ୍ତୁତିରେ ସହାୟତା କରିବା ଏବଂ ବିଭିନ୍ନ କାର୍ଯ୍ୟକ୍ରମ ସହ ଆନ୍ତଃ-ବିଭାଗୀୟ ସଂଯୋଗୀକରଣ

କରାଯିବା ସହ ପୁଞ୍ଜ (Cluster)ମାନଙ୍କ ସହ ଯୋଗାଯୋଗ ଇତ୍ୟାଦିରେ ସହାୟତା କରିବା ପାଇଁ ଏହି ପ୍ରକଳ୍ପ ପରିଚାଳନା ସଂସ୍ଥା ଏକ "ସ୍ୱୟଂ ସହାୟକ ଦଳ ଗଠନ ଓ ଏହାର ସଶକ୍ତିକରଣ ଏବଂ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ପାଇଁ ଏକ ସଂପୂର୍ଣ୍ଣ ମାର୍ଗଦର୍ଶିକା" ପ୍ରସ୍ତୁତ କରିଛନ୍ତି। ଏହି ମାର୍ଗଦର୍ଶିକା, ପ୍ରକଳ୍ପ ଅଞ୍ଚଳରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଚିହ୍ନଟ, ସେମାନଙ୍କର ନିରନ୍ତର ଉନ୍ନତି ଓ ସଶକ୍ତିକରଣ, ସେମାନଙ୍କୁ ବିଭିନ୍ନ ବ୍ୟବସାୟୀକ ଯୋଜନା ପ୍ରସ୍ତୁତିରେ ସହାୟତା କରିବା ସହ ପୁଞ୍ଜ (Cluster) ଗଠନ ଓ ଜୀବିକା ସମ୍ବଳ କେନ୍ଦ୍ରଙ୍କ ଅଧୀନରେ ଥିବା ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ଉନ୍ନତିରେ ନିଶ୍ଚିତରୂପେ ସହାୟତା ପ୍ରଦାନ କରିବେ।

ଏହି ସ୍ୱୟଂ ସହାୟକ ଦଳ ଗଠନ ଓ ସଶକ୍ତିକରଣ ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ ପ୍ରସ୍ତୁତିରେ ଡ଼ଃ. ମୀତା ବିଶ୍ୱାଳ, ଭାରତୀୟ ବନ ସେବା, ଅତିରିକ୍ତ ପ୍ରକଳ୍ପ ଅଧିକାରୀ ଏବଂ ଡ଼ଃ. ପି. ଆର. କରାଟ, ଭାରତୀୟ ବନ ସେବା, ପୂର୍ବତନ ଯୁଗ୍ମ ପ୍ରକଳ୍ପ ଅଧିକାରୀଙ୍କର ଆନ୍ତରିକ ସହଯୋଗ ଓ କଠିନ ପରିଶ୍ରମ ପ୍ରଶଂସାଯୋଗ୍ୟ। ପ୍ରକଳ୍ପ ପରିଚାଳନା ସଂସ୍ଥାର ଡ଼ଃ. ମମତା ମିଶ୍ର, ରାଜ୍ୟ ପ୍ରକଳ୍ପ ପରିଚାଳକ (ଜୀବିକା, ପ୍ରାକୃତିକ ସମ୍ପଦ ପରିଚାଳନା ଓ ଆନ୍ତଃ-ବିଭାଗୀୟ ସଂଯୋଗୀକରଣ), ଶ୍ରୀ ସୁବ୍ରତ କୁମାର କର, ରାଜ୍ୟ ପ୍ରକଳ୍ପ ପରିଚାଳକ (ଦକ୍ଷତା ଓ ଆନୁଷ୍ଠାନିକ ବିକାଶ), ଶ୍ରୀ ବିଶ୍ୱଜିତ୍ ସାହୁ, ରାଜ୍ୟ ପ୍ରକଳ୍ପ ପରିଚାଳକ (ଜ୍ଞାନ ପରିଚାଳନା, ପ୍ରଚାର ଓ ପ୍ରକାଶନ) ଶ୍ରୀ ଛାୟାକାନ୍ତ ମିଶ୍ର ଏବଂ ଅନ୍ୟାନ୍ୟ ସହକର୍ମୀମାନଙ୍କୁ, ସ୍ୱୟଂ ସହାୟକ ଦଳ ଗଠନ ଓ ସଶକ୍ତିକରଣ ପାଇଁ ମାର୍ଗଦର୍ଶିକା ପୁସ୍ତକ ପ୍ରସ୍ତୁତି ନିମନ୍ତେ ସେମାନଙ୍କର ନିରନ୍ତର ସହଯୋଗ ପାଇଁ ଅଶେଷ ଅଶେଷ ଧନ୍ୟବାଦ।

ମୁଁ ଆଶା କରୁଛି, ଏହି ସ୍ୱୟଂ ସହାୟକ ଦଳ ଗଠନ ଓ ସଶକ୍ତିକରଣ ମାର୍ଗଦର୍ଶିକା ପୁସ୍ତକଟି, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରକଳ୍ପ ପରିଚାଳନା ସଂସ୍ଥା, ଖଣ୍ଡୀୟ ପରିଚାଳନା ସଂସ୍ଥା ଓ କ୍ଷେତ୍ରୀୟ ପରିଚାଳନା ସଂସ୍ଥାମାନଙ୍କର ମାର୍ଗଦର୍ଶନ ପାଇଁ ଅତ୍ୟନ୍ତ ଉପଯୋଗୀ ହେବ ଏବଂ କାର୍ଯ୍ୟକ୍ରମରେ ସଫଳତା ଆଣିଦେବ।

**ଲଲିତ କୁମାର ତିୱାରୀ**, ଆଇ.ଏଫ୍.ଏସ୍



**ଡଃ ମିତା ବିଶ୍ୱାଳ**, ଆଇ.ଏଫ୍.ଏସ୍.
ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଏବଂ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ
ଓଡିଶା ବନାଞ୍ଚଳ ଉନ୍ନୟନ ସମିତି

# ପ୍ରାକ କଥନ

ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ (OFSDP-II)ର ଉଦ୍ଦେଶ୍ୟ ହେଉଛି- ଜଙ୍ଗଲ ଓ ପରିବେଶର ବିକାଶ, ନିରନ୍ତର ଜଙ୍ଗଲ ପରିଚାଳନା, ପ୍ରାକୃତିକ ଜୈବବିବିଧତାର ସଂରକ୍ଷଣ ସହିତ ଏହାର ଚତୁଃପାର୍ଶ୍ୱରେ ବସବାସ କରୁଥିବା ଗ୍ରାମବାସୀମାନଙ୍କର ନିରନ୍ତର ଜୀବିକା ଅର୍ଜନ ପନ୍ଥା ସୃଷ୍ଟି ଏବଂ ସେମାନଙ୍କର ସର୍ବାଙ୍ଗୀନ ବିକାଶ ସାଧନ କରିବା। ଏହା ଦ୍ୱାରା ରାଜ୍ୟରେ ପରିବେଶର ସଂରକ୍ଷଣ କରାଯିବା ସହ ଲୋକମାନଙ୍କର ସାମାଜିକ ଓ ଆର୍ଥିକ ପ୍ରଗତି କିପରି ତାଳ ଦେଇ ଗତି କରିପାରିବ ତାହାକୁ ଗୁରୁତ୍ୱ ଦିଆଯାଉଅଛି।

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ (OFSDP-II) ରେ ବିଭିନ୍ନ ଜୀବିକା ସମ୍ବନ୍ଧୀୟ କାର୍ଯ୍ୟକ୍ରମମାନ ରାଜ୍ୟର ସମୁଦାୟ ବାରଟି ଆଞ୍ଚଳିକ ବନଖଣ୍ଡ ଅଧୀନରେ ୫୦ଟି ଚିହ୍ନଟ ପ୍ରାପ୍ତ ରେଞ୍ଜରେ (କ୍ଷେତ୍ର ପରିଚାଳନା ସଂସ୍ଥା) ଏବଂ ତନ୍ମଧ୍ୟରେ ଥିବା ୧୨୦୦ଟି ଗ୍ରାମରେ ବନ ସୁରକ୍ଷା ସମିତି ମାଧ୍ୟମରେ ବିଭିନ୍ନ ଜୀବିକା ନିର୍ବାହ ସମ୍ବନ୍ଧୀୟ କାର୍ଯ୍ୟକ୍ରମମାନ ପରିଚାଳିତ ହେବ। ପ୍ରତ୍ୟେକ ବନ ସୁରକ୍ଷା ସମିତିରେ ହାରାହାରି ୩ଟି ଲେଖାଏଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିଭିନ୍ନ ରୋଜଗାର ବୃଦ୍ଧି କାର୍ଯ୍ୟକ୍ରମ ଏବଂ ଜୀବିକା ଅର୍ଜନର ବିକଳ୍ପ ପନ୍ଥା କାର୍ଯ୍ୟକାରୀ କରିବା ପାଇଁ ପ୍ରୋତ୍ସାହିତ କରାଯିବ। ଏହାଦ୍ୱାରା ୧୨ଟି ବନଖଣ୍ଡରେ ଅବସ୍ଥିତ ୧୨୦୦ଟି ବନ ସୁରକ୍ଷା ସମିତି ମାଧ୍ୟମରେ ସମୁଦାୟ ୩୬୦୦ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିଭିନ୍ନ ରୋଜଗାର ବୃଦ୍ଧି କାର୍ଯ୍ୟକ୍ରମରେ ସାମିଲ କରାଯିବ।

ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମ (OFSDP-I) ଏବଂ ବର୍ତ୍ତମାନ ଚାଲୁରହିଥିବା ଆମ ଜଙ୍ଗଲ ଯୋଜନା (AJY) କାର୍ଯ୍ୟକ୍ରମ ସହାୟତାରେ, ଗ୍ରାମମାନଙ୍କରେ ଗ୍ରାମବାସୀ ମାନଙ୍କର ଜୀବିକା ଅର୍ଜନ ପାଇଁ ସ୍ୱୟଂ ସହାୟକ ଦଳ ମାଧ୍ୟମରେ ବିଭିନ୍ନ ଯୋଜଗାର ସୃଷ୍ଟି କାର୍ଯ୍ୟକ୍ରମମାନ କରାଯାଇଅଛି। ପୂର୍ବ ଅଭିଜ୍ଞତାରୁ ଏହା ଜଣା ଯାଇଥିଲା ଯେ କଞ୍ଚା ମାଲର ଅଭାବ ଯୋଗୁଁ ସ୍ୱୟଂ ସହାୟକ ଦଳଗୁଡ଼ିକ ପ୍ରକ୍ରିୟାକରଣ, ଉତ୍ପାଦନ ବୃଦ୍ଧି ଓ ସେମାନଙ୍କର ଆର୍ଥିକ ଉନ୍ନତି ପାଇଁ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଏହାକୁ ଦୃଷ୍ଟିରେ ରଖି ସମୂହ ପ୍ରକ୍ରିୟାକରଣ, ମୂଲ୍ୟବୃଦ୍ଧି ଭିତ୍ତିକ କାର୍ଯ୍ୟକ୍ରମ ଏବଂ ପୁଞ୍ଜସ୍ତରୀୟ ବିକ୍ରୀବଟା ପାଇଁ ବିଭିନ୍ନ ଉତ୍ପାଦକ ପୁଞ୍ଜମାନ (Cluster) , କ୍ଷେତ୍ରୀୟ ପରିଚାଳନା ସଂସ୍ଥା (FMU) କିମ୍ବା ଖଣ୍ଡୀୟ ପରିଚାଳନା ସଂସ୍ଥା (DMU) ଅଧିନରେ ଗଠନ କରାଯାଇ ପ୍ରକ୍ରିୟାକରଣ ପାଇଁ କଞ୍ଚାମାଲ ଗୁଡ଼ିକର ଏକତ୍ରୀକରଣ, ମୁଲ୍ୟ ବୃଦ୍ଧି ପ୍ରକ୍ରିୟା, ପାଇକରୀ ମୂଲ୍ୟ ନିରୂପଣ, ବିଭିନ୍ନ

ଯନ୍ତ୍ରପାତିର ବ୍ୟବସ୍ଥା ଓ ଏସବୁକୁ କାର୍ଯ୍ୟକାରୀ କରିବା ପାଇଁ ଗ୍ରାମବାସୀମାନଙ୍କ ପାଇଁ ନିରନ୍ତର ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି।

ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ସଂଶ୍ଲିଷ୍ଟ ସ୍ୱୟଂ ସହାୟକ ଦଳଗୁଡ଼ିକ ଉତ୍ପାଦନ ପୁଞ୍ଜମାନ ଗଠନ କରି ବିଭିନ୍ନ ବ୍ୟବସାୟୀକ ଯୋଜନାମାନ ପ୍ରସ୍ତୁକ କରିବେ ଓ ପ୍ରକଳ୍ପରେ ସ୍ଥାପିତ ରୋଜଗାର ସମ୍ବଳ କେନ୍ଦ୍ର (LRC) ଏହାକୁ ସଫଳ ଭାବେ ପରିଚାଳନା କରିବେ। ରୋଜଗାର ସମ୍ବଳ କେନ୍ଦ୍ର (LRC) , ପ୍ରକଳ୍ପ ପରିଚାଳନା ସଂସ୍ଥା (LRC) ଦ୍ୱାରା ପରିଚାଳିତ ହେବ। ଏହାଛଡ଼ା ରୋଜଗାର ସମ୍ବଳ କେନ୍ଦ୍ର (LRC) ବିଭିନ୍ନ ରୋଜଗାର ସୃଷ୍ଟି କରୁଥିବା ସମ୍ବଳ ସଂସ୍ଥା ଓ ରୋଜଗାର ଭିତ୍ତିକ କାର୍ଯ୍ୟକ୍ରମ ସହ ଏହାକୁ ଜଡ଼ିତ କରି, ଜଙ୍ଗଲ ବିଭାଗ ଓ ଆମ ଜଙ୍ଗଲ ଯୋଜନା ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମରେ ମଧ୍ୟ ସାମିଲ କରିପାରିବେ।

ଏହି ମାର୍ଗଦର୍ଶିକା ପୁସ୍ତକଟି, ସ୍ୱୟଂ ସହାୟକ ଦଳ ଗଠନ, ଉନ୍ନତିକରଣ, ପରିଚାଳନା ଓ ବିଭିନ୍ନ ରୋଜଗାର ଭିତ୍ତିକ କାର୍ଯ୍ୟକ୍ରମ ବାଛିବା ନିମନ୍ତେ ଉଦ୍ଦିଷ୍ଟ। ଏହା ଛଡ଼ା ଉକ୍ତ ପୁସ୍ତକଟି ପୁଞ୍ଜି ତଥା ରୋଜଗାର ସମ୍ବଳ କେନ୍ଦ୍ର ଅଧୀନରେ କାର୍ଯ୍ୟ କରୁଥିବା ସ୍ୱୟଂ ସହାୟକ ଦଳ ଗୁଡ଼ିକର ଉନ୍ନତି ଓ ସମୀକ୍ଷା କରିବା ପାଇଁ ଦର୍ପଣ ସଦୃଶ କାର୍ଯ୍ୟ କରିବ। ଏହା ମଧ୍ୟ ସ୍ୱୟଂ ସହାୟକ ଦଳ ଗୁଡ଼ିକୁ ପରିଚାଳନାଗତ ଓ ଆର୍ଥିକ ସହାୟତା ପାଇଁ ସହାୟକ ହେବ। ମୁଁ ଆଶା କରୁଛି ଯେ ଏହି ପୁସ୍ତକଟି ସମସ୍ତ ପ୍ରକଳ୍ପ ଅଧିକାରୀ, କର୍ମୀ ଓ ହିତାଧିକାରୀମାନଙ୍କୁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ (PFSDP-II)ର ଉଦ୍ଦେଶ୍ୟ ପୂରଣ କରିବାରେ ବିଶେଷ ଭାବରେ ସହାୟତା ପ୍ରଦାନ କରିବ।

ଏହି ମାର୍ଗଦର୍ଶିକା ପୁସ୍ତକଟି, ଶ୍ରୀ ଲଳିତ କୁମାର ତିୱାରୀ, ଭାରତୀୟ ବନ ସେବା, ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତିଙ୍କ ତତ୍ତ୍ୱାଧାନରେ ପ୍ରସ୍ତୁତ କରାଯାଇଛି। ଏହାର ପ୍ରସ୍ତୁତି ପାଇଁ ପ୍ରକଳ୍ପ ପରିଚାଳନା ସଂସ୍ଥା (PMU) ର ବିଶେଷଜ୍ଞ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାମାନଙ୍କର ଆନ୍ତରିକ ଓ ଉତ୍ସର୍ଗୀକୃତ ପରିଶ୍ରମ ଏବଂ ପ୍ରକଳ୍ପ ପରିଚାଳନା କମିଟିର ସହାୟତା ଅତ୍ୟନ୍ତ ପ୍ରଶଂସନୀୟ।

**ଡଃ. ମିତା ବିଶ୍ୱାଳ**, ଆଇ.ଏଫ୍.ଏସ୍.

# ସୂଚୀପତ୍ର


| | | |
|---|---|---|
| ୧. | ଉପକ୍ରମ | ୯ |
| ୨. | ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅଧିନରେ ସୃଷ୍ଟି ହେବାକୁଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (Women Self Help Group) ମାନଙ୍କ ବିଷୟରେ ବିଭିନ୍ନ ସୂଚନା | ୧୫ |
| ୩. | ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ସଶକ୍ତିକରଣ ଏବଂ କାର୍ଯ୍ୟପ୍ରଣାଳୀ | ୨୦ |
| ୪. | ପ୍ରକଳ୍ପ ସ୍ତରରେ କେଉଁ କେଉଁ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ହାତକୁ ନିଆଯିବ | ୨୪ |
| ୫. | ପ୍ରକଳ୍ପ ସ୍ତରରେ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ପାଇଁ ମୁଖ୍ୟତଃ କେଉଁ କେଉଁ ବିଷୟରେ ଦୃଷ୍ଟି ଦିଆଯିବ | ୨୫ |
| ୬. | ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ପ୍ରୋତ୍ସାହନ ଦିଆଯିବାକୁ ଥିବା ବିଭିନ୍ନ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମର ତାଲିକା | ୨୬ |
| ୭. | ସ୍ୱୟଂ ସହାୟକ ଦଳଗୁଡ଼ିକର ଉନ୍ନତିକରଣ: ପୁଞ୍ଜି ଏବଂ ଜୀବିକା ସମ୍ବଳ କେନ୍ଦ୍ର | ୨୮ |
| ୮. | ପୁଞ୍ଜିମାନଙ୍କର ଅଗ୍ରଗତିର ଅନୁଧ୍ୟାନ ଏବଂ ସ୍ୱୟଂ ସହାୟକ ଦଳର ପୁଞ୍ଜିମାନଙ୍କ ସମ୍ପର୍କରେ ରିପୋର୍ଟ ପ୍ରଦାନ | ୩୨ |
| ୯. | ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅଧିନରେ, ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଋଣ ପ୍ରଦାନ କରାଯିବାର ବ୍ୟବସ୍ଥାବଳୀ/ନିୟମାବଳୀ | ୩୩ |
| ୧୦. | ପ୍ରକଳ୍ପ ତରଫରୁ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ଅନ୍ୟାନ୍ୟ କଟକଣା | ୩୪ |
| | **ସଂଶ୍ଳିଷ୍ଟ-୧**<br>ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର, ଦ୍ୱିତିୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହେବାକୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ | ୩୫ |
| | **ସଂଶ୍ଳିଷ୍ଟ-୨**<br>ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-ଦ୍ୱିତିୟ ପର୍ଯ୍ୟାୟରେ ସକ୍ରୀୟ ବନସୁରକ୍ଷା ସମିତି ଅଧିନରେ ଥିବା ମହିଳା ସ୍ୱୟଂ ସହାୟକ ଦଳ ଗୁଡ଼ିକର ବିବରଣୀ | ୩୭ |

**ସଂଶ୍ଳିଷ୍ଟ-୩** ୩୯

ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଶ୍ରେଣୀ ବିଭାଗ ନିର୍ଣ୍ଣୟ ପାଇଁ ମାନଦଣ୍ଡ

**ସଂଶ୍ଳିଷ୍ଟ-୪** ୪୩

ସ୍ୱୟଂ ସହାୟକ ଦଳର ସଭ୍ୟାଙ୍କ ବିବରଣୀ

**ସଂଶ୍ଳିଷ୍ଟ-୫** ୪୫

ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନଙ୍କର ସଞ୍ଚୟ ଖାତା (ଚବଶ୍ୱଶ୍ୱ ଈକ୍ଟକ୍ଟଳ)ର ଫର୍ମାଟ

**ସଂଶ୍ଳିଷ୍ଟ-୬** ୪୮

ସଭ୍ୟାମାନଙ୍କର ବ୍ୟକ୍ତିଗତ ଋଣ ଖାତା (ଚବଶ୍ୱଶ୍ୱ ଈକ୍ଟକ୍ଟଳ)ର ଫର୍ମାଟ

**ସଂଶ୍ଳିଷ୍ଟ-୭** ୫୦

ସ୍ୱୟଂ ସହାୟକ ଗୋଷ୍ଠୀର ବୈଠକ ବିବରଣୀ ପୁସ୍ତିକା

**ସଂଶ୍ଳିଷ୍ଟ-୮** ୫୩

ସ୍ୱୟଂ ସହାୟକ ଦଳର କ୍ୟାସ୍ ବୁକ୍

**ସଂଶ୍ଳିଷ୍ଟ-୯** ୫୫

ପରିଦର୍ଶନ ପୁସ୍ତିକାର ଫର୍ମାଟ

**ସଂଶ୍ଳିଷ୍ଟ-୧୦** ୫୬

ବନସୁରକ୍ଷା ସମିତିରେ ଥିବା ଆବର୍ତ୍ତନ ପାଣ୍ଠିରୁ ଋଣ ମଞ୍ଜୁର ପାଇଁ ଦରଖାସ୍ତ ଫର୍ମ

**ସଂଶ୍ଳିଷ୍ଟ-୧୧** ୫୮

ସ୍ୱୟଂ ସହାୟକ ଦଳର ବ୍ୟବସାୟ ଯୋଜନା

# ୧

# ଉପକ୍ରମ

୧.୧. ମହିଳା ସଶକ୍ତିକରଣ ଉନ୍ନତିର ସଫଳ ଚାବିକାଠି ବୋଲି ଓଡ଼ିଶା ସରକାରଙ୍କ ଦ୍ୱାରା ଚିହ୍ନଟ କରାଯାଇଛି। ଏହା ସର୍ବଜନବିଦିତ ଯେ ମହିଳାମାନଙ୍କର ଆର୍ଥିକ ସ୍ୱଚ୍ଛଳତା ସେମାନଙ୍କର ସାମାଜିକ ମାନଦଣ୍ଡର ଉନ୍ନତି ସାଧନ କରିଥାଏ। ତେଣୁ ମହିଳାମାନଙ୍କର ଆର୍ଥିକ ସ୍ୱଚ୍ଛଳତା ପାଇଁ ସେମାନଙ୍କର ନିଜସ୍ୱ ରୋଜଗାର ପନ୍ଥା ସୃଷ୍ଟି କରିବା ଓ ପ୍ରାଥମିକତା ଭିତ୍ତିରେ ଏହା ପରିଚାଳନା କରାଇବା ଆବଶ୍ୟକ। ଏହା ମଧ୍ୟ ଜଣାଯାଇଛି ଯେ, ମହିଳାମାନଙ୍କର ଉନ୍ନତି ହେଲେ ପରିବାର ତଥା ସମାଜର ଉନ୍ନତି ସମ୍ଭବପର ଏବଂ ଏହା ସହ ଲିଙ୍ଗ ଭିତ୍ତିକ ଅସାମଞ୍ଜସ୍ୟର ଅବସାନ ଘଟିବ। ଏହା ସମପାଭାପର୍ଣ୍ଣ ମହିଳାମାନଙ୍କର ବିଭିନ୍ନ ଦଳଗତ କାର୍ଯ୍ୟକ୍ରମ ଦ୍ୱାରା ସଫଳ ହେବ। ମହିଳାମାନଙ୍କୁ କ୍ଷମତାଶାଳୀ କରିବା ପାଇଁ ମହିଳା ସ୍ୱୟଂସହାୟକ ଦଳ ଗଠନ ମାଧ୍ୟମରେ ବିଭିନ୍ନ ଉଚିତ ପଦକ୍ଷେପ ନିଆଯାଇଛି।

୧.୨. ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ (OFSDP-II) ର ଉଦ୍ଦେଶ୍ୟ ହେଉଛି, ଜଙ୍ଗଲ ଓ ପରିବେଶର ବିକାଶ, ନିରନ୍ତର ଜଙ୍ଗଲ ପରିଚାଳନା, ପ୍ରାକୃତିକ ଜୈବବିବିଧତାର ସଂରକ୍ଷଣ ସହିତ ଏହାର ଚତୁଃପାର୍ଶ୍ୱରେ ବସବାସ କରୁଥିବା ଗ୍ରାମବାସୀମାନଙ୍କର ନିରନ୍ତର ଜୀବିକା ଅର୍ଜନ ଏବଂ ସର୍ବାଙ୍ଗୀନ ବିକାଶ ସାଧନ କରିବା। ନିରନ୍ତର ଜଙ୍ଗଲ ପରିବେଶର ଉନ୍ନତି ସାଧନ କରିବା ସହିତ ଜୈବବିବିଧତାର ବିକାଶ ଏବଂ ସେ ଅଞ୍ଚଳର ବିଭିନ୍ନ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ଦ୍ୱାରା ଏହା ସମ୍ଭବପର ହୋଇଥାଏ। ରାଜ୍ୟରେ ପରିବେଶର ସଂରକ୍ଷଣ ଏବଂ ଲୋକମାନଙ୍କର ସାମାଜିକ ଓ ଆର୍ଥିକ ପ୍ରଗତି ସହ ତାଳଦେଇ ଗତିକଲେ ଯାଇ ଏହି ପ୍ରକଳ୍ପର ଉଦ୍ଦେଶ୍ୟ ସଫଳ ହେବ। ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଆନ୍ତ-ବିଭାଗୀୟ ସଂଯୋଗୀକରଣକୁ ଆଖି ଆଗରେ ରଖି କିପରି ଉତ୍ତମ ଜୀବିକା ଅର୍ଜନର ପନ୍ଥା ସୃଷ୍ଟି କରାଯାଇପାରିବ ଏବଂ ଲୋକମାନଙ୍କ ରୋଜଗାର ବୃଦ୍ଧିରେ ସହାୟକ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦିଆଯିବାର ବନ୍ଦୋବସ୍ତ କରାଯାଇଛି। ଏହାଛଡ଼ା ବିଭିନ୍ନ ସରକାରୀ ଯୋଜନାର ସଂଯୋଗୀକରଣ କରି ଜଙ୍ଗଲ ଉପରେ ନିର୍ଭରଶୀଳ ଗ୍ରାମବାସୀମାନଙ୍କର ରୋଜଗାର ବୃଦ୍ଧି ଓ ଜୀବିକା ଅର୍ଜନରେ ଉନ୍ନତି ସାଧନ କରିବା ପାଇଁ ଉଚିତ୍ ଦୃଷ୍ଟି ଦିଆଯିବ ଏବଂ ବିଭିନ୍ନ ପଦକ୍ଷେପ ନିଆଯିବ।

୧.୩. ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମ (OFSDP-I) ଏବଂ ବର୍ତ୍ତମାନ ଚାଲୁରହିଥିବା ଆମ ଜଙ୍ଗଲ ଯୋଜନା (AJY) କାର୍ଯ୍ୟକ୍ରମ ସହାୟତାରେ ଗ୍ରାମବାସୀମାନଙ୍କର ଜୀବିକା ଅର୍ଜନ ପାଇଁ ସ୍ୱୟଂ ସହାୟକ ଦଳ ମାଧ୍ୟମରେ ବିଭିନ୍ନ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମମାନ ସମ୍ପନ୍ନ କରାଯାଇଛି। ପରବର୍ତ୍ତୀ ସମୟରେ ଭଲ କାମ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ବିଭିନ୍ନ ପୁଞ୍ଜ (Cluster) ଗଠନ କରାଯାଇ ସେଥିରେ ଲାଭଦାୟକ ବ୍ୟବସାୟ ଓ ମିଳୁଥିବା କଞ୍ଚା ମାଲ୍ ଗୁଡ଼ିକର ପ୍ରକ୍ରିୟାକରଣ ପାଇଁ ପଦକ୍ଷେପ ନିଆଯାଇଅଛି।

ଏହି ପ୍ରକଳ୍ପରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଏକ ଅନୁଷ୍ଠାନ ହିସାବରେ ନିଆଯାଇ ଏହାର ସଶକ୍ତିକରଣ, ଗୋଷ୍ଠୀ ସ୍ତରୀୟ ବ୍ୟବସାୟ ପାଇଁ ଯୋଜନା ପ୍ରସ୍ତୁତି, ଋଣ ପରିଚାଳନା, ଉତ୍ପାଦିତ ସାମଗ୍ରୀର ମୂଲ୍ୟ ବୃଦ୍ଧି ପ୍ରକ୍ରିୟାକରଣ କରାଯାଇ ଅଧିକ ଆୟ ସୃଷ୍ଟି, ବ୍ୟବସାୟର ସୁବିଧା ପାଇଁ ବିଭିନ୍ନ ବିକ୍ରୟ କେନ୍ଦ୍ର ବା ବ୍ୟବସାୟ କେନ୍ଦ୍ର ଗୁଡ଼ିକ ସହ ସଂଯୋଗ ଏବଂ ସମ୍ପର୍କ ସ୍ଥାପନ କରିବା ଇତ୍ୟାଦି ବିଭିନ୍ନ କାର୍ଯ୍ୟକ୍ରମ କରିବା ପାଇଁ ଚେଷ୍ଟା କରାଯାଇଛି। ପୂର୍ବ ଅଭିଜ୍ଞତାକୁ ଆଧାର କରି ସ୍ୱୟଂ ସହାୟକ ଦଳ ଦ୍ୱାରା ଉତ୍ପାଦନ ହେବାକୁଥିବା ଦ୍ରବ୍ୟର ମୂଲ୍ୟବୃଦ୍ଧି କାର୍ଯ୍ୟକ୍ରମ, ପ୍ରକ୍ରିୟାକରଣ, ସମୂହ ବିକ୍ରୟ ଏବଂ ଖୁଚୁରା ବିକ୍ରୟ, ଉତ୍ପାଦକ ସଂଘ/ପୁଞ୍ଜ ମାଧ୍ୟମରେ ସମୂହ ବିକ୍ରି ବ୍ୟବସ୍ଥା କରିବା ଓ ବିଭିନ୍ନ ଲାଭଜନକ ବ୍ୟବସାୟ ଓ କ୍ରୟବିକ୍ରୟ ପାଇଁ ବ୍ୟବସ୍ଥା କରି ଦଳ କିପରି ଅଧିକରୁ ଅଧିକ ଲାଭ ତଥା ସଭ୍ୟାମାନଙ୍କର ଆୟବୃଦ୍ଧି କରାଯାଇପାରିବ ତାହା ଓଡ଼ିଶଶ ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅଧୀନରେ ଲକ୍ଷ୍ୟ ରଖାଯାଇଛି। ଏହାକୁ ଦୃଷ୍ଟିରେ ରଖି ସମୂହ ପ୍ରକ୍ରିୟାକରଣ, ମୂଲ୍ୟବୃଦ୍ଧି ଭିତ୍ତିକ କାର୍ଯ୍ୟକ୍ରମ ଏବଂ ପୁଞ୍ଜସ୍ତରୀୟ ବିକ୍ରିବଟା ପାଇଁ ବିଭିନ୍ନ ଉତ୍ପାଦକ ପୁଞ୍ଜମାନ (Cluster), ଖଣ୍ଡୀୟ ପରିଚାଳନା ସଂସ୍ଥା ଅଧିନରେ ଗଠନ କରାଯାଇ ପ୍ରକ୍ରିୟାକରଣ ପାଇଁ କଞ୍ଚାମାଲ୍ ଗୁଡ଼ିକର ଏକତ୍ରୀକରଣ, ମୂଲ୍ୟ ବୃଦ୍ଧି ପ୍ରକ୍ରିୟା, ପାଇକାରୀ ମୂଲ୍ୟ ନିରୂପଣ ଓ ଏସବୁକୁ କାର୍ଯ୍ୟକାରୀ କରିବା ପାଇଁ ଗ୍ରାମବାସୀମାନଙ୍କର ନିରନ୍ତର ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି।

୧.୪ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍ୱୟଂ ସହାୟକ ଗୋଷ୍ଠୀମାନେ ମହିଳା ସଶକ୍ତିକରଣ ଏବଂ ପରିବାରର ସ୍ୱଚ୍ଛଳତାର ଏକ ଦର୍ପଣ ସଦୃଶ। ଗ୍ରାମର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରସ୍ତୁତ ଅଣୁଯୋଜନା ଏବଂ ବାର୍ଷିକ ଯୋଜନାକୁ ବିଚାରକୁ ନେଇ ତଥା ଗ୍ରାମର ସ୍ୱାସ୍ଥ୍ୟ, ପୁଷ୍ଟି ସାଧନ ଏବଂ ସାକ୍ଷରତା କାର୍ଯ୍ୟକ୍ରମ ଗୁଡ଼ିକର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ସେମାନଙ୍କର କାର୍ଯ୍ୟପନ୍ଥା ସ୍ଥିର କରିବେ। ଏହା ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ସହିତ ଏକ ସଙ୍ଗେ କାର୍ଯ୍ୟ କରିବ। ସେହି କାର୍ଯ୍ୟକ୍ରମ ଗୁଡ଼ିକ ଅନ୍ୟାନ୍ୟ ସରକାରୀ ବିଭାଗ ଯଥା– ମହିଳା ଏବଂ ଶିଶୁ ବିକାଶ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଇତ୍ୟାଦି ସହ ସଂଯୋଗୀକରଣ କରାଯାଇ ଗ୍ରାମମାନଙ୍କରେ କାର୍ଯ୍ୟକାରୀ ହେବ। ବନସୁରକ୍ଷା ସମିତିର ମହିଳା ଗ୍ରାମ ସଚେତକ (Women Animators)ମାନେ ଏହି ସବୁ କାର୍ଯ୍ୟକୁ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିବେ।

୧.୬ ସଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଅଧିନରେ କାର୍ଯ୍ୟ କରୁଥିବା, ଓଡ଼ିଶା ଜୀବିକା ମିଶନ (OLM) ଏକ ସ୍ୱାଧୀନ ସଂସ୍ଥା ଭାବେ ଗ୍ରାମାଞ୍ଚଳରେ ଜୀବିକାର ଉନ୍ନତିକରଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି ଏବଂ ଏହି ସଂସ୍ଥା ଜାତୀୟ ଗ୍ରାମୀଣ ଜୀବିକା ଉନ୍ନତିକରଣ ସଂସ୍ଥା (NRLM) ଅଧିନରେ ରାଜ୍ୟରେ ଗ୍ରାମାଞ୍ଚଳ ଲୋକମାନଙ୍କର ରୋଜଗାର ବୃଦ୍ଧି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରିବାକୁ ପ୍ରତିଶୃତିବଦ୍ଧ। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅନ୍ତର୍ଗତ ଗ୍ରାମମାନଙ୍କରେ ଥିବା ସ୍ୱୟଂ ସହାୟକ ଦଳମାନଙ୍କର ରୋଜଗାର ବୃଦ୍ଧିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକୁ ଓଡ଼ିଶା ଜୀବିକା ମିଶନ (OLM) ଓ ଜାତୀୟ ଗ୍ରାମୀଣ ଜୀବିକା ଉନ୍ନତିକରଣ ପ୍ରକଳ୍ପ (NRLP) ର ନିର୍ଦ୍ଦେଶାବଳୀ ଅନୁସାରେ ପ୍ରସ୍ତୁତ କରାଯାଇଛଇ। ଏହାର ମୁଖ୍ୟ କାରଣ ହେଉଛି ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଏକ ସମୟ ଭିତ୍ତିକ ପ୍ରକଳ୍ପ ହାଇଥିବାରୁ, ଏହା ସ୍ୱୟଂ ସହାୟକ ଦଳମାନଙ୍କୁ ଦୀର୍ଘକାଳୀନ ପରିଚାଳନାଗତ ସହାୟତା ଦେବାର ସହାୟକ ହୋଇପାରିବ ନାହିଁ। ତେଣୁ ପ୍ରକଳ୍ପ ଅଧୀନରେ ଥିବା ସ୍ୱୟଂ ସହାୟକ ଦଳମାନେ ଓଡ଼ିଶା ଜୀବିକା ମିଶନର ନିର୍ଦ୍ଦେଶାବଳୀ ଅନୁସାରେ ପ୍ରସ୍ତୁତ କରାଯାଇଥିବା କାର୍ଯ୍ୟକ୍ରମ ଗୁଡ଼ିକୁ କାର୍ଯ୍ୟକାରୀ କରିବା ଦ୍ୱାରା ପ୍ରକଳ୍ପର କାର୍ଯ୍ୟ ସମାପ୍ତ ହେବାପରେ ମଧ୍ୟ ସ୍ୱୟଂ ସହାୟକ ଦଳମାନେ ସେମାନଙ୍କ ଯୋଜନାଗୁଡ଼ିକୁ ଓଡ଼ିଶା ଜୀବିକା ମିଶନର ସହାୟତାରେ କାର୍ଯ୍ୟକ୍ଷମ କରାଇପାରିବେ।

## ନିର୍ଦ୍ଦେଶାବଳୀର ଉଦ୍ଦେଶ୍ୟ

ଏହି ନିର୍ଦ୍ଦେଶାବଳୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଉନ୍ନତିକରଣ/ସଶକ୍ତିକରଣ କରାଇବା ଦଳର ସଭ୍ୟାମାନଙ୍କର ସାମାଜିକ ଓ ଆର୍ଥିକ ସ୍ୱଚ୍ଛଳତା ସହିତ ସେମାନଙ୍କର ମର୍ଯ୍ୟାଦା ବୃଦ୍ଧି କରାଇବା ଏବଂ ଗ୍ରାମର ସର୍ବାଙ୍ଗୀନ ଉନ୍ନତି ସାଧନ ପାଇଁ କାର୍ଯ୍ୟକରିବା ଉଦ୍ଦେଶ୍ୟଗୁଡ଼ିକ ନିମ୍ନମତେ ପ୍ରଦାନ କରାଗଲା-

- ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସେମାନଙ୍କ ଲକ୍ଷ୍ୟପଥରେ ଅଗ୍ରସର ହେବା ପାଇଁ ସହାୟତା ପ୍ରଦାନ କରିବା।
- ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ୩୬୦୦ରୁ ଅଧିକ ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ଚିହ୍ନଟ ଓ ବିଭିନ୍ନ ସୁବିଧା/ସହାୟତା ପ୍ରଦାନ କରିବା।
- ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ସଭ୍ୟାମାନଙ୍କୁ ବିଭିନ୍ନ ଜୀବିକା ଅର୍ଜନ କାର୍ଯ୍ୟକ୍ରମରେ ସାମିଲ କରିବା।
- ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଦଳମାନଙ୍କୁ ଆର୍ଥିକ ଓ ପରିଚାଳନାଗତ ସହାୟତା ପ୍ରଦାନ କରିବା।
- ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସେମାନଙ୍କର ବିଭିନ୍ନ ପରିଚାଳନା ନଥିପତ୍ର ପ୍ରସ୍ତୁତ କରିବାରେ ସାହାଯ୍ୟ କରିବା।
- ସଠିକ ବ୍ୟବସାୟୀକ ଯୋଜନା ପ୍ରସ୍ତୁତ କରିବା ଏବଂ ବ୍ୟବସାୟ କେନ୍ଦ୍ର ସହ ଉତ୍ତମ ସମ୍ପର୍କ ସ୍ଥାପନ ଓ ସଂଯୋଗୀକରଣରେ ସାହାଯ୍ୟ କରିବା।
- ଭିତ୍ତିଭୂମି ଉନ୍ନତିକରଣ ଏବଂ ଯନ୍ତ୍ରପାତି ସ୍ଥାପନ କେନ୍ଦ୍ରମାନଙ୍କ ସହ ସଂଯୋଗୀକରଣ କରିବା ଏବଂ ନିର୍ମାଣ କାର୍ଯ୍ୟ ପାଇଁ ମଧ୍ୟ ସହାଯ୍ୟ ପ୍ରଦାନ କରିବା।
- ବଛାଯାଇଥିବା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଆର୍ଥିକ ଓ ଅନ୍ୟାନ୍ୟ ସହାୟତା ପ୍ରଦାନ କରିବା।
- ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନଙ୍କର ଆୟବୃଦ୍ଧିରେ ସହାୟକ ହେବା।
- ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସଶକ୍ତିକରଣ, ବିଭିନ୍ନ ପୁଞ୍ଜି ସହ ସାମିଲ କରିବାର ସାମର୍ଥ୍ୟ ସୃଷ୍ଟି କରାଇବା।

## ପ୍ରକଳ୍ପ ଅଞ୍ଚଳ

ଏହି ପ୍ରକଳ୍ପ ଜୀବିକା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମମାନ, ପ୍ରକଳ୍ପ ଅଞ୍ଚଳରେ କାର୍ଯ୍ୟକାରୀ କରିବ। ଏହା ରାଜ୍ୟର ୧୨ଟି ଆଞ୍ଚଳିକ ବନଖଣ୍ଡର ୫୦ଟି ଚିହ୍ନଟ ପ୍ରାପ୍ତ ରେଞ୍ଜରେ (କ୍ଷେତ୍ର ପରିଚାଳନା ସଂସ୍ଥା) ଏବଂ ତନ୍ମଧ୍ୟରେ ଥିବା ୧୨୦୦ଟି ଗ୍ରାମରେ ବନସୁରକ୍ଷା ସମିତି ମାଧ୍ୟମରେ କାର୍ଯ୍ୟକାରୀ ହେବ। ପ୍ରତ୍ୟେକ ବନ ସୁରକ୍ଷା ସମିତିରେ ହାରାହାରି ୩ଟି ଲେଖାଏଁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିଭିନ୍ନ ରୋଜଗାର ବୃଦ୍ଧି କାର୍ଯ୍ୟକ୍ରମ ଏବଂ ଜୀବିକା ଅର୍ଜନର ବିକଳ୍ପ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ ପ୍ରୋତ୍ସାହିତ କରାଯିବ। ତେଣୁ ସମୁଦାୟ ୩୬୦୦ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୨ଟି ବନଖଣ୍ଡରେ ୧୨୦୦ଟି ବନ ସୁରକ୍ଷା ସମିତି ମାଧ୍ୟମରେ ବିଭିନ୍ନ ରୋଜଗାର ବୃଦ୍ଧି କାର୍ଯ୍ୟକ୍ରମରେ ସାମିଲ କରାଯିବ, ତାହାର ଏକ ତାଲିକା ସଂଶ୍ଳିଷ୍ଟ-୧ ରେ ପ୍ରଦାନ କରାଗଲା।

ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସଶକ୍ତିକରଣ, ବିଭିନ୍ନ ପୁଞ୍ଜି ସାମିଲ କରିବାର ସାମର୍ଥ୍ୟ ସୃଷ୍ଟି କରି ସଠିକ ବ୍ୟବସାୟୀକ ଯୋଜନା ପ୍ରସ୍ତୁତ କରିବା ପାଇଁ ଜୀବିକା ସମ୍ବଳ କେନ୍ଦ୍ର ସାହାଯ୍ୟ କରିବ, ଏହା ପ୍ରକଳ୍ପ ପରିଚାଳନା ସଂସ୍ଥାଙ୍କ ସ୍ତରରେ

କାର୍ଯ୍ୟ କରିବ। ଏହି ଜୀବିକା ସମ୍ବଳ କେନ୍ଦ୍ର ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଜଙ୍ଗଲ ବିଭାଗ ଓ ଆମ ଜଙ୍ଗଲ ଯୋଜନାରେ ସମ୍ପୃକ୍ତ ବିଭିନ୍ନ ରୋଜଗାର ବୃଦ୍ଧି କାର୍ଯ୍ୟକ୍ରମରେ ମଧ୍ୟ ସହାୟତା ପ୍ରଦାନ କରିବା ସହ ବିଭିନ୍ନ ଆୟ ବୃଦ୍ଧି ପାଇଁ ସହାୟତା ପ୍ରଦାନକାରୀ ସଂସ୍ଥାମାନଙ୍କ ସହ ଯୋଗାଯୋଗ ରକ୍ଷା କରିବ।

## ମୁଖ୍ୟ ହିତାଧିକାରୀ

ସ୍ୱୟଂ ସହାୟକ ଗୋଷ୍ଠୀ ଓ ଜୀବିକା ଅର୍ଜନ କାର୍ଯ୍ୟକ୍ରମ ମାନଙ୍କର ସଫଳତା ପାଇଁ ମୁଖ୍ୟ ହିତାଧିକାରୀ ଏବଂ ସେମାନଙ୍କର ଦାୟୀତ୍ୱ ନିମ୍ନରେ ପ୍ରଦାନ କରାଗଲା।

| ସ୍ତର | ହିତାଧିକାରୀ | ମୁଖ୍ୟ ଦାୟୀତ୍ୱ |
|---|---|---|
| ପ୍ରକଳ୍ପ ପରିଚାଳନା ସଂସ୍ଥା (PMU) | ଏସ୍.ପି.ଏମ୍. (LLI, NRM, ISC) SPM C&ID | • ନିୟମାବଳୀ ପ୍ରସ୍ତୁତି ଏବଂ ତାହାର ଉନ୍ନତିକରଣ<br>• ଅଫିସରୁ ଲିଖିତ ଆଦେଶ ପ୍ରେରଣ<br>• ଜୀବିକା ଅର୍ଜନ କାର୍ଯ୍ୟକ୍ରମ, ବ୍ୟବସାୟ କେନ୍ଦ୍ର ନିର୍ଦ୍ଧାରଣ ଏବଂ ମୂଲ୍ୟବୃଦ୍ଧି କାର୍ଯ୍ୟକ୍ରମଗୁଡ଼ିକର ବ୍ୟବସ୍ଥା ଅନୁଧ୍ୟାନ<br>• ରାଜ୍ୟସ୍ତରୀୟ ବ୍ୟବସାୟ କେନ୍ଦ୍ର ସହ ସମ୍ପର୍କ ସ୍ଥାପନ ଓ ସଂଯୋଗୀକରଣ<br>• ପରିଚାଳନାଗତ ସହାୟତା ଓ ପରବର୍ତ୍ତୀ ଅଗ୍ରଗତିର ଅନୁଧ୍ୟାନ କରିବା |
| ଖଣ୍ଡୀୟ ପରିଚାଳନା ସଂସ୍ଥା (DMU) | ଖଣ୍ଡୀୟ ପରିଚାଳନା ସଂସ୍ଥାର ମୁଖ୍ୟ ଓ ଏସ୍.ଏମ୍.ଏସ୍. (ଜୀବିକା ଅର୍ଜନ) | • ତଦାରଖ, ପରିଚାଳନାଗତ ସହାୟତା ଏବଂ ସଂଗଠନିକ ବ୍ୟବସାୟର ଉନ୍ନତିକରଣ<br>• ଜୀବିକା ଅର୍ଜନ କାର୍ଯ୍ୟକ୍ରମ, ବ୍ୟବସାୟ କେନ୍ଦ୍ର ନିର୍ଦ୍ଧାରଣ ଏବଂ ମୂଲ୍ୟବୃଦ୍ଧି କାର୍ଯ୍ୟକ୍ରମ ଗୁଡ଼ିକର ବ୍ୟବସ୍ଥା ଅନୁଧ୍ୟାନ ଫଳାଫଳକୁ ଜଣାଇବା<br>• ଜିଲ୍ଲା/ଖଣ୍ଡୀୟ ସ୍ତରୀୟ ବ୍ୟବସାୟ କେନ୍ଦ୍ର ସହ ସମ୍ପର୍କ ସ୍ଥାପନ ଓ ସଂଯୋଗୀକରଣ<br>• ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଦଳମାନଙ୍କୁ ଆର୍ଥିକ ଓ ପରିଚାଳନାଗତ ସହାୟତା ପ୍ରଦାନ କରିବା<br>• ସାଂଗଠନିକ ଭିତ୍ତିରେ କାର୍ଯ୍ୟକ୍ରମକୁ ସହାୟତା ପ୍ରଦାନ ପାଇଁ, (ସ୍ୱୟଂ ସହାୟକ ଗୋଷ୍ଠୀ, ବନ ସଂରକ୍ଷଣ ସମିତି, ପୁଞ୍ଜି ଓ ଜୀବିକା ସମ୍ବଳ କେନ୍ଦ୍ର)ମାନଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରିବା<br>• ଅନୁଧ୍ୟାନ କରିବା ଏବଂ ଏହାର ବିବରଣୀ ପ୍ରକଳ୍ପ ପରିଚାଳନା ସଂସ୍ଥାକୁ ପଠାଇବା |

| | | |
|---|---|---|
| କ୍ଷେତ୍ରୀୟ ପରିଚାଳନା ସଂସ୍ଥା (FMU) | କ୍ଷେତ୍ରୀୟ ପରିଚାଳନା ସଂସ୍ଥାର ମୁଖ୍ୟ ଓ ସହଭାଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା | ● ପ୍ରକଳ୍ପର ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକର ପରିଚାଳନା ପାଇଁ ଦାୟିତ୍ୱ ବହନ କରିବେ<br>● ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଚୟନ ଓ ପ୍ରାଧାନ୍ୟତା ଭିତ୍ତିରେ ସେମାନଙ୍କୁ ପ୍ରକଳ୍ପ କାର୍ଯ୍ୟରେ ଭାଗୀଦାର କରାଇବା ପାଇଁ ନିଷ୍ପତ୍ତି ନେବେ<br>● ସାଂଗଠନିକ ଭିତ୍ତିରେ କାର୍ଯ୍ୟକ୍ରମକୁ ସହାୟତା ପ୍ରଦାନ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ, ବନ ସଂରକ୍ଷଣ ସମିତି ଓ ପୁଞ୍ଜି ଗୁଡ଼ିକ ମଧ୍ୟରେ ଯୋଗସୂତ୍ର ରଖିବେ।<br>● ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଦଳମାନଙ୍କୁ ଆର୍ଥିକ ଓ ପରିଚାଳନାଗତ ସହାୟତା ପ୍ରଦାନ କରିବେ<br>● ବ୍ଲକ୍ ସ୍ତରୀୟ ବିଭିନ୍ନ ବ୍ୟବସାୟ କେନ୍ଦ୍ରମାନଙ୍କ ସହ ଉତ୍ତମ ସମ୍ପର୍କ ସ୍ଥାପନ ଓ ସଂଯୋଗୀକରଣ କରାଇବେ<br>● ପରିଚାଳନା, ଅନୁଧ୍ୟାନ କରିବା ଏବଂ ଏହାର ବିବରଣୀ ପ୍ରକଳ୍ପର ଖଣ୍ଡୀୟ ପରିଚାଳନା ସଂସ୍ଥାକୁ ପଠାଇବେ |
| ବନ ସଂରକ୍ଷଣ ସମିତି | ପରିଚାଳନା ସଭ୍ୟ / ସଭ୍ୟା ଓ ଗ୍ରାମ ସଚେତକ (Animators) | ● ସଠିକ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଚୟନ ଓ ଉନ୍ନତିକରଣ, ପ୍ରାଧାନ୍ୟତା ଭିତ୍ତିରେ ସେମାନଙ୍କୁ ବିଭିନ୍ନ ଜୀବନ ଜୀବିକା କାର୍ଯ୍ୟକ୍ରମରେ ସାମିଲ କରାଇବା ପାଇଁ ନିଷ୍ପତ୍ତି ନେବେ<br>● ସଂଗୃହିତ ଓ ଉତ୍ପାଦିତ ଦ୍ରବ୍ୟଗୁଡ଼ିକର ବିକ୍ରୀ ପାଇଁ ସହାୟତା ପ୍ରଦାନ କରିବେ<br>● ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସମ୍ବଳ ପାଇଁବା ପାଇଁ ସହାୟତା କରିବେ<br>● ଆବର୍ତ୍ତନ ପାଣ୍ଠି (Revolving Fund)ର ସୁପରିଚାଳନା କରିବେ<br>● କାର୍ଯ୍ୟକ୍ରମର ଅଗ୍ରଗତି ସମ୍ବନ୍ଧୀୟ ରିପୋଟ କ୍ଷେତ୍ରୀୟ ପରିଚାଳନା ସଂସ୍ଥାକୁ ପଠାଇବେ |

| | | |
|---|---|---|
| ସ୍ୱୟଂ ସହାୟକ ଗୋଷ୍ଠୀ | ଗୋଷ୍ଠୀ ମାନଙ୍କର ନେତ୍ରୀ | ● ବିଭିନ୍ନ ଜୀବିକା ଅର୍ଜନ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଗୁଡ଼ିକ ହାତକୁ ନେବେ<br>● ବିଭିନ୍ନ ଆର୍ଥିକ ଓ ସାମାଜିକ ସ୍ୱଳର ସୁପରିଚାଳନା କରିବେ<br>● ନେତ୍ରୀ ଓ ସଭ୍ୟାମାନଙ୍କର ବିଭିନ୍ନ କୌଶଳ ଓ ଦକ୍ଷତା ବୃଦ୍ଧି କରିବେ<br>● ଦରକାରୀ ନଥିପତ୍ର ପ୍ରସ୍ତୁତି କରିବେ<br>● ପ୍ରକଳ୍ପ ବ୍ୟାଙ୍କ ଓ ଅନ୍ୟାନ୍ୟ ସମ୍ବଳ ପ୍ରଦାନକାରୀ ସଂସ୍ଥାମାନଙ୍କ ସହ ଯୋଗାଯୋଗ ସ୍ଥାପନ ତଥା ସଂଯୋଗୀକରଣ କରିବେ<br>● ବିଭିନ୍ନ ରିପୋର୍ଟ ପ୍ରସ୍ତୁତ କରିବେ ଓ ଠିକ୍ ସମୟରେ ଏହାର ଅଡ଼ିଟ କରାଇବେ |
| କାର୍ଯ୍ୟକାରୀ ଦଳ | କାର୍ଯ୍ୟକାରୀ ଦଳର ସଭ୍ୟ/ ସଭ୍ୟା | ● ଜୀବିକା ସ୍ୱଳ କେନ୍ଦ୍ରକୁ ସାହାଯ୍ୟ ପ୍ରଦାନ କରିବା ପାଇଁ ବିଭିନ୍ନ କାର୍ଯ୍ୟକାରୀ ଦଳ ପ୍ରକଳ୍ପ ପରିଚାଳନା ସଂସ୍ଥା ଖଣ୍ଡୀୟ ପରିଚାଳନା ସଂସ୍ଥା, କ୍ଷେତ୍ରୀୟ ପରିଚାଳନା ସଂସ୍ଥା, ବନ ସଂରକ୍ଷଣ ସମିତି ସ୍ତରରେ ଗଠନ କରାଯିବ |

# ୨

# ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅଧିନରେ ସୃଷ୍ଟି ହେବାକୁଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (Women Self Help Group) ମାନଙ୍କ ବିଷୟରେ ବିଭିନ୍ନ ସୂଚନା

୨.୧ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ସୃଷ୍ଟି ହେବାକୁଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ, ଗ୍ରାମ୍ୟସ୍ତରରେ ଏକ ତୃଣମୂଳ ଅନୁଷ୍ଠାନ ଭାବେ ବିବେଚନା କରାଯିବ। ଏହି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକର ୧୦-୨୦ ଜଣ ସଭ୍ୟା ରହିବେ ଏବଂ ସେମାନେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଗଠନ ନିୟମ ଆଧାରରେ ବିଭିନ୍ନ ରୋଜଗାର ବୃଦ୍ଧି କାର୍ଯ୍ୟକ୍ରମ ଗୁଡ଼ିକୁ ସମୂହ ଭାବରେ ସମ୍ପାଦନ କରିବେ। ଏହି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ମଧ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମ ଯଥା ମହିଳା ସଶକ୍ତିକରଣ, ସ୍ୱାସ୍ଥ୍ୟ, ଶିକ୍ଷା ପୁଷ୍ଟିସାଧନ, ଆର୍ଥିକ ଅନ୍ତର୍ଭୂକ୍ତିକରଣ କାର୍ଯ୍ୟକ୍ରମରେ ଯୋଗଦାନ କରିବେ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ସ୍ଥାନୀୟ ଭାବେ ମିଳୁଥିବା ପଦାର୍ଥ ଓ ବଜାରକୁ ବିଚାର କରି ଜୀବିକା ନିର୍ବାହ ପନ୍ଥା ସ୍ଥିର କରିବେ। ଯେଉଁ ପୁରୁଣା ସ୍ୱୟଂ ସହାୟକ ଗୋଷ୍ଠୀମାନେ ବିଭିନ୍ନ ସାମର୍ଥ୍ୟ ହାସଲ କରିଛନ୍ତି ସେମାନେ ମୂଲ୍ୟ ବୃଦ୍ଧି କାର୍ଯ୍ୟକ୍ରମରେ ମନୋନିବେଶ କରି ଉତ୍ପାଦନ ପୁଞ୍ଜମାନ ଗଠନ କରିବେ ଓ ପୁଞ୍ଜଗୁଡ଼ିକର ଉନ୍ନତି ପାଇଁ ପ୍ରକଳ୍ପରେ ସ୍ଥାପିତ ରୋଜଗାର ସମ୍ବଳ କେନ୍ଦ୍ର (LRC) ସର୍ବଦା ସହାୟତା ପ୍ରଦାନ କରିବେ।

୨.୨ ଉତ୍ତମ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଚିହ୍ନଟକରଣ, ନୂତନ ଭାବେ ଗଠନ ଓ କାର୍ଯ୍ୟକ୍ରମରେ ଅନ୍ତଃର୍ଭୁକ୍ତ କରିବା ପ୍ରକ୍ରିୟାମାନ ଦଳମାନଙ୍କର ଆଗ୍ରହକୁ ନେଇ ଚିନ୍ତା କରାଯିବ। ସମ୍ପୃକ୍ତ ପରିବାରଗୁଡ଼ିକ ଜଙ୍ଗଲ ଉପରେ ନୀର୍ଭରଶୀଳ ହୋଇଥିବା ଦରକାର। ସାମାଜିକ ଓ ଆର୍ଥୀକ କ୍ଷେତ୍ରରେ ଦୁର୍ବଳତା (ଆଦିବାସୀ / ହରିଜନ / ଅନ୍ୟାନ୍ୟ ଅନୁନ୍ନତ ଶ୍ରେଣୀ / ଦାରିଦ୍ର୍ୟ ଶ୍ରେଣୀ ବିଶୟକୁ ମଧ ବିଚାରକୁ ନିଆଯିବ। ସେମାନେ ପ୍ରକଳ୍ପର କାର୍ଯ୍ୟଧାରାକୁ ପସନ୍ଦ କରୁଥିବେ ଏବଂ ନୂତନ ପଦାର୍ଥ ପ୍ରସ୍ତୁତ କରିବା ପାଇଁ ଗ୍ରାମରେ ପ୍ରକୃଷ୍ଟ କ୍ଷେତ୍ର ଥିବା ଦରକାର। ଉପରୋକ୍ତ ବିଷୟଗୁଡ଼ିକ ଗୋଷ୍ଠୀ ଗଠନ ସମୟରେ ପ୍ରାଥମିକତା ଦିଆଯିବ।

୨.୩ ବିଭିନ୍ନ ଜୀବିକା କାର୍ଯ୍ୟକ୍ରମ ସମ୍ପାଦନ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଓ ସମ୍ପୃକ୍ତ ବନ ସଂରକ୍ଷଣ ସମିତି ମଧ୍ୟରେ ଯୋଗସୂତ୍ର ସ୍ଥାପନ ହେବା ଦରକାର। ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ସମ୍ପୃକ୍ତ ବନ ସଂରକ୍ଷଣ ସମିତିର ସାଧାରଣ କମିଟିର ସଭ୍ୟା ହୋଇଥିବା ଦରକାର ଓ ବନ ସଂରକ୍ଷଣ ସମିତିର ସମସ୍ତ ସାଧାରଣ ସଭା ଓ ପରିଚାଳନା କମିଟିର ସଭାଗୁଡ଼ିକରେ ଯୋଗଦାନ କରି ବକ୍ତବ୍ୟ ଉପସ୍ଥାପନ କରିବାର ଯୋଗ୍ୟତା ସେମାନଙ୍କ ପାଖରେ ଥିବା ଦରକାର।

୨.୪ ପ୍ରତ୍ୟେକ ବନ ସୁରକ୍ଷା ସମିତି ଅଣୁଯୋଜନା ପ୍ରସ୍ତୁତି ପରେ ପ୍ରକଳ୍ପ ଅଧିନରେ କାର୍ଯ୍ୟ କରିବା ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଚୟନ ପ୍ରକ୍ରିୟା ଆରମ୍ଭ କରାଯାଇଥାଏ । ମାତ୍ର ଅଣୁଯୋଜନା ପ୍ରସ୍ତୁତି ସମୟରେ, ପୂର୍ବରୁ ଗ୍ରାମରେ ଥିବା (କାର୍ଯ୍ୟକରୁଥିବା) ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଚିହ୍ନଟ କରାଯିବ । ଏହି ସମ୍ପର୍କରେ ଗ୍ରାମରେ ସକ୍ରୀୟ ଥିବା ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ବିବରଣୀ ସଂଶ୍ଳିଷ୍ଟ-୨ (Annex-II) ରେ ବର୍ଣ୍ଣିତ ହୋଇଥିବା ଦରକାର । ଏହା ସମ୍ପୃକ୍ତ ବନ ସୁରକ୍ଷା ସମିତିର ସଭ୍ୟ/ସଭ୍ୟା ସଚିବ ପ୍ରସ୍ତୁତ କରିବେ ଏବଂ ପ୍ରକଳ୍ପ ଅଧୀନରେ କାର୍ଯ୍ୟରତ ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି ଏହାରା ସଠିକତା ନିରୂପଣ କରିବେ । ଏହି ବିବରଣୀକୁ କ୍ଷେତ୍ର ପରିଚାଳନା ସଂସ୍ଥାର ମୁଖ୍ୟ (FMU Chief) ସତ୍ୟ ପ୍ରମାଣିତ କରିବେ । ଏହି ବିବରଣୀର ଏକ ନକଲ ବନସୁରକ୍ଷା ସମିତି ପାଇଁ ପ୍ରସ୍ତୁତ ଅଣୁଯୋଜନାର ଗୋଟିଏ ଅଂଶ ହୋଇ ରହିବ ।

୨.୫ ଗ୍ରାମରେ ଥିବା କେତେକ ସ୍ୱୟଂ ସହାୟକ ଗୋଷ୍ଠୀ ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକଳ୍ପ ଅଧିନରେ ଏବଂ ଉଦ୍ୟମରେ ପୂର୍ବରୁ ପ୍ରତିଷ୍ଠିତ ହୋଇଥାଏ । ଓଡ଼ିଶା ଜୀବିକା ମିଶନର ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକ ଏହି ପ୍ରକଳ୍ପ ଅଧୀନରେ ପ୍ରାୟତଃ ୫୦ ଭାଗ ଅଞ୍ଚଳରେ କାର୍ଯ୍ୟକାରୀ ହେଉଛି । ତେଣୁ ଯେଉଁ ଅଞ୍ଚଳରେ ଓଡ଼ିଶା ଜୀବିକା ମିଶନର ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକ ଗ୍ରାମରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା କାର୍ଯ୍ୟକାରୀ ହେଉଅଛି, ସେଗୁଡ଼ିକ ନିମ୍ନଲିଖିତ ଅନ୍ତର୍ଭୂକ୍ତିକରଣ ଏବଂ ବହିଷ୍କାର ମାନଦଣ୍ଡ ସାରଣୀ ଦ୍ୱାରା ଚିହ୍ନଟ କରାଯାଏ:

| ଓଡ଼ିଶା ଜୀବିକା ମିଶନର କାର୍ଯ୍ୟକ୍ରମ ଅଞ୍ଚଳ | ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମର ପ୍ରସ୍ତାବିତ ମାନଦଣ୍ଡ |
|---|---|
| **ବହିଷ୍କାର କରାଯିବା ପାଇଁ ମାନଦଣ୍ଡ** | **ବହିଷ୍କାର କରାଯିବା ପାଇଁ ମାନଦଣ୍ଡ** |
| ୧. ଗୋଟିଏ ଦଳ ହିସାବରେ ବର୍ତ୍ତମାନ କୌଣସି ଆର୍ଥିକ ଅନୁଷ୍ଠାନରୁ ଋଣ ନେଇଛନ୍ତି ଓ ସେମାନେ କିସ୍ତି ସୁଝିବାରେ ଖିଲାପ କରିଛନ୍ତି । | ୧. ଗୋଟିଏ ଦଳ ହିସାବରେ ବର୍ତ୍ତମାନ କୌଣସି ଆର୍ଥିକ ଅନୁଷ୍ଠାନରୁ ଋଣ ନେଇଛନ୍ତି ଓ ସେମାନେ କିସ୍ତି ସୁଝିବାରେ ଖିଲାପ କରିଛନ୍ତି ।<br>୨. ସଭ୍ୟାମାନେ ଏକରୁ ଅଧିକ ଦଳରେ ଭାଗ ନେଇଛନ୍ତି ବା ଅନ୍ୟାନ୍ୟ ଦଳରେ ସମ୍ପୃକ୍ତ<br>୩. ଗୋଟିଏ ଦଳରେ ଏକରୁ ଅଧିକ ପରିବାର ସଦସ୍ୟା ଅଛନ୍ତି |
| **ଅନ୍ତର୍ଭୂକ୍ତିକରଣ ମାନଦଣ୍ଡ** | **ଅନ୍ତର୍ଭୂକ୍ତିକରଣ ମାନଦଣ୍ଡ** |
| ୧. ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୁଝିବାରେ ସକ୍ଷମ<br>୩. ଜଙ୍ଗଲ ଉପରେ ନିର୍ଭରଶୀଳ<br>୪. ପୁଞ୍ଜି ଗଠନ ପାଇଁ ସମ୍ଭାବନା ଥିବ | ୧. ସେମାନେ ତାଙ୍କର ଜୀବିକାରେ ଉନ୍ନତିକରଣ ପାଇଁ ଇଚ୍ଛୁକ<br>୨. ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୁଝିବାରେ ସକ୍ଷମ<br>୩. ବନ ସୁରକ୍ଷା ସମିତିର ଅଣୁଯୋଜନା ମାଧ୍ୟମରେ ଚିହ୍ନିତ ବିଭିନ୍ନ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଶ୍ରେଣୀର ଅନ୍ତର୍ଭୁକ୍ତ ଏବଂ ସେମାନେ ଅଦ୍ୟାବଧି କୌଣସି ସ୍ୱୟଂ ସହାୟକ ଦଳର ସଭ୍ୟା ନାହାନ୍ତି<br>୪. ଜଙ୍ଗଲ ଉପରେ ନିର୍ଭରଶୀଳ<br>୫. ପୁଞ୍ଜି ଗଠନ ପାଇଁ ସମ୍ଭାବନା ଥିବ |

୨.୬ ଗ୍ରାମରେ କେଉଁ ସହାୟକ ଦଳଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ପ୍ରକଳ୍ପରେ କାର୍ଯ୍ୟ କରିବା ପାଇଁ ଚୟନ କରାଯିବ, ସେମାନଙ୍କ ପାଇଁ ଗୋଟିଏ ପ୍ରୟୋଗାତ୍ମକ ପରୀକ୍ଷା କରାଯିବା ଉଚିତ। ଏହି ପରିପ୍ରେକ୍ଷୀରେ ସ୍ୱୟଂ ସହାୟକ ଦଳଗୁଡ଼ିକୁ ଚିହ୍ନଟ କରିବାପାଇଁ ଗୋଟିଏ ସୂଚକ ମାନଦଣ୍ଡ ପ୍ରସ୍ତୁତ କରାଯାଇଛି, ତାହା ସଂଶ୍ଳିଷ୍ଟ-୩ (Annexure-III) ରେ ବର୍ଣ୍ଣିତ, ଯେଉଁଥିରେ କି ବିଭିନ୍ନ ସୂଚକାଙ୍କ ଏବଂ ତାହାର ପ୍ରାପ୍ତ ଅଙ୍କ ମାନ ଦିଆଯାଇଛି। ପ୍ରତ୍ୟେକ ଚିହ୍ନିତ ସ୍ୱୟଂ ସହାୟକ ଦଳ (ପୂର୍ବରୁ ଥିବା କିମ୍ବା ନୂତନ ଗଠନ ହୋଇଥିବା) ମାନଙ୍କୁ ସୂଚକାଙ୍କ ମାନଦଣ୍ଡ ଭିତ୍ତିରେ ନମ୍ବର ଦିଆଯିବ ଏବଂ ସେହି ନମ୍ବର ଗୁଡ଼ିକୁ ଉତ୍କର୍ଷ ନିର୍ଦ୍ଧାରଣ ଉପାଦାନର ଅନୁକ୍ରମ ସାରଣୀର ସ୍ତମ୍ଭ-୩ରେ ଦର୍ଶାଯିବ। ବିଭିନ୍ନ ତଥ୍ୟ ସଂଗ୍ରହ ପାଇଁ ବିଭିନ୍ନ ହିତାଧିକାରୀ ଓ ଚିହ୍ନିତ ସ୍ୱୟଂସହାୟକ ଦଳମାନଙ୍କ ସହିତ ଦଳଗତ ଆଲୋଚନା (Focus Group Discussion/FGD ) କରାଯିବ। ଏହି କ୍ରମରେ ଯେଉଁ ତିନୋଟି ସ୍ୱୟଂ ସହାୟକ ଦଳର ସର୍ବାଧିକ ନମ୍ବର ରହିବ, ସେହି ଦଳ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମର ପୁଞ୍ଜୀରେ ଅନ୍ତର୍ଭୁକ୍ତ ହେବାପାଇଁ ଯୋଗ୍ୟତର ଅର୍ଜନ କରିବେ ଏବଂ ଯେଉଁ ଦଳଗୁଡ଼ିକ କମ୍ ନମ୍ବର ରଖିଥିବେ (୫୦ରୁ କମ୍), ସେମାନଙ୍କ ଉନ୍ନତି ପାଇଁ ବନ ସୁରକ୍ଷା ସମିତି ସହିତ ସଂଯୋଗ କରାଯିବ। ଏହି କ୍ରମରେ ଯେଉଁ ସ୍ୱୟଂ ସହାୟକ ଦଳ ନିଜର ଦକ୍ଷତା, ସାଙ୍ଗଠନିକ ପରିଚାଳନା, ଆର୍ଥିକ ପରିଚାଳନା ଓ ଅନ୍ୟାନ୍ୟ ବୃଦ୍ଧି କରିବେ ସେମାନେ ମଧ୍ୟ ପୁଞ୍ଜୀର ସଭ୍ୟା ପାଇଁ ବନସୁରକ୍ଷା ସମିତି ସହାୟତାରେ ଆବେଦନ କରିପାରିବେ।

୨.୭ ହାରାହାରି ପ୍ରତ୍ୟେକ ବନ ସୁରକ୍ଷା ସମିତିରେ ୩ଟି ଲେଖାଏଁ ସ୍ୱୟଂ ସହାୟକ ଦଳ ପ୍ରକଳ୍ପ ପହାୟତାରେ କାର୍ଯ୍ୟ କରିବେ। ଗ୍ରାମର ପରିବାରମାନଙ୍କର ସଂଖ୍ୟା ଆଧାରରେ କେତେ ସ୍ୱୟଂ ସହାୟକ ଦଳକୁ ସହାୟତା ଦିଆଯିବ ତାହା ସ୍ଥିର କରାଯିବ ଏବଂ ଏହି ଦଳଗୁଡ଼ିକୁ ଅଣୁଯୋଜନାରେ ସାମିଲ କରାଯାଇ ବନସୁରକ୍ଷା ସମିତିର ସାଧାରଣ ବୈଠକରେ କ୍ଷେତ୍ରୀୟ ପରିଚାଳନା ମୁଖ୍ୟଙ୍କ ଦ୍ୱାରା ଅନୁମୋଦନ କରାଯିବ। ଏହାପରେ ଆବଶ୍ୟକତା ଅନୁଯାୟୀ ଯଦି ସ୍ୱୟଂ ସହାୟକ ସଳର ସଂଖ୍ୟାରେ ପରିବର୍ତ୍ତନ ଆବଶ୍ୟକ ପଡ଼େ, ତାହା ଉପରୋକ୍ତ ପ୍ରକ୍ରିୟା ମାଧ୍ୟମରେ ବଛାଯାଇ ବନସୁରକ୍ଷା ସମିତିର ସାଧାରଣ ବୈଠକରେ କ୍ଷେତ୍ରୀୟ ପରିଚାଳନା ମୁଖ୍ୟଙ୍କ ଦ୍ୱାରା ଅନୁମୋଦନ କରାଯିବ।

୨.୮ ଓଡ଼ିଶା ଜୀବିକା ମିଶନ ଅନ୍ତର୍ଗତ ଏବଂ ଏହି ପ୍ରକଳ୍ପ ଅଧୀନରେ କାର୍ଯ୍ୟରତ ଥିବା ବନ ସୁରକ୍ଷା ସମିତିମାନଙ୍କରେ ଥିବା ମହିଳା ସ୍ୱୟଂ ସହାୟକ ଦଳ ଗୁଡ଼ିକର ଚିହ୍ନଟ ପାଇଁ ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଅବଲମ୍ବନ କରାଯିବ:

(କ) ମହିଳା ସ୍ୱୟଂ ସହାୟକ ଦଳ ଯେଉଁମାନେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ କାର୍ଯ୍ୟ କରିବା ପାଇଁ ଏବଂ ବିଭିନ୍ନ ରୋଜଗାର ଭିତ୍ତିକ କାର୍ଯ୍ୟକ୍ରମ ଦ୍ୱାରା ଆୟ ବୃଦ୍ଧି ପାଇଁ ଆଗ୍ରହୀ, ସେମାନଙ୍କୁ ପ୍ରକଳ୍ପରେ କାର୍ଯ୍ୟ କରିବା ପାଇଁ ଅଗ୍ରାଧିକାର ଦିଆଯିବ।

(ଖ) ଅଣୁଯୋଜନା ପ୍ରସ୍ତୁତ ସମୟରେ ବନସୁରକ୍ଷା ସମିତିର ସଭ୍ୟମାନଙ୍କ ମଧ୍ୟରୁ ଚିହ୍ନଟ କରାଯାଇଥିବା ବିଭିନ୍ନ ଦୁର୍ବଳ ଶ୍ରେଣୀମାନଙ୍କୁ ପ୍ରକଳ୍ପ ଅଧିନରେ ଚିହ୍ନଟ କରାଯାଇଥିବା ସ୍ୱୟଂ ସହାୟକ ଗୋଷ୍ଠୀରେ ଅନ୍ତର୍ଭୁକ୍ତ କରିବା ପାଇଁ ଅଗ୍ରାଧିକାର ଭିତ୍ତିରେ ବ୍ୟବସ୍ଥା କରାଯିବ।

(ଗ) ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକର ୫୦ ପ୍ରତିଶତରୁ ଅଧିକ ସଭ୍ୟା ଜଙ୍ଗଲ ଉପରେ ନିର୍ଭରଶୀଳ, ସେହି ଗୋଷ୍ଠୀଗୁଡ଼ିକୁ ଚୟନ ପ୍ରକ୍ରିୟାରେ ଅଗ୍ରାଧିକାର ଦିଆଯିବ।

(ଘ) ଓଡ଼ିଶା ଜୀବିକା ମିଶନ ଅନ୍ତର୍ଭୁକ୍ତ ମହିଳା ସ୍ୱୟଂ ସହାୟକ ଦଳ ଯଦି ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହେବା ପାଇଁ ଆଗ୍ରହ କରନ୍ତି, ତାହାହେଲେ ସେମାନଙ୍କୁ

ଚିହ୍ନଟକରଣ ସମୟରେ ଅଗ୍ରାଧିକାର ଦିଆଯିବ। ମାତ୍ର ଏହିପ୍ରକାର ଦଳ ୬ ମାସରୁ ଅଧିକ ସମୟ କାର୍ଯ୍ୟ କରିଥିବେ ଏବଂ ପ୍ରକଳ୍ପରେ ଅନ୍ତର୍ଭୁକ୍ତ ହେବାର ବିଭିନ୍ନ ମାନଦଣ୍ଡମାନ ପୂରଣ କରୁଥିବେ।

(ଙ) ମହିଳା ସ୍ୱୟଂ ସହାୟକ ଦଳ ଚୟନ ସମୟରେ ଯଦି ଜଣାପଡ଼େ ଯେ ସେମାନେ କୌଣସି ଆର୍ଥିକ ଅନୁଷ୍ଠାନରୁ ଦଳୀୟ ଭାବେ ଋଣ ନେଇଛନ୍ତି ଓ ପରିଶୋଧ କରିନାହାନ୍ତି, ତେବେ ସେହି ଦଳକୁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରୁ ବାଦ ଦିଆଯିବ।

(ଚ) ଯେଉଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କୌଣସି କାରଣ ବଶତଃ କାର୍ଯ୍ୟ କରୁ ନଥିବେ, ସେମାନଙ୍କର କାର୍ଯ୍ୟ ନକରିବା କାରଣ ବିସ୍ତୃତ ଭାବେ ଆଲୋଚନା କରାଯିବ ଏବଂ ଆଲୋଚନାରୁ ଯଦି ଜଣାପଡ଼େ ଯେ ସେମାନେ ଅଚଳ ଅବସ୍ଥାକୁ ଆସିଗଲେଣି ତାହା ହେଲେ ଏ ପ୍ରକାର ଗୋଷ୍ଠୀକୁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରୁ ବାଦ ଦିଆଯିବ।

(ଛ) ସ୍ୱୟଂ ସହାୟକ ଗୋଷ୍ଠୀର ଅଚଳ ଅବସ୍ଥାକୁ ଆସିବାର ସମ୍ଭାବ୍ୟ କାରଣ ହେଲା:

କ. ଆର୍ଥିକ ପରିଚାଳନାରେ ଅପାରଗତା ଓ ଦଳୀୟ ଅର୍ଥ ଆତ୍ମସାତ

ଖ. ବିଭିନ୍ନ ନିଷ୍ପତ୍ତି ନେବାରେ ଦଳରେ ଦ୍ୱନ୍ଦ ସୃଷ୍ଟି

ଗ. ଦଳରେ ସଭ୍ୟାମାନଙ୍କର ଅନୁପସ୍ଥିତି/ଅନିଚ୍ଛା ଇତ୍ୟାଦି

(ଜ) ଯେଉଁ ନିଷ୍କ୍ରିୟ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ସକ୍ରିୟ ହେବାକୁ ଚାହିଁବେ ସେମାନଙ୍କର ସମସ୍ତ ବିବରଣୀ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ଲିପିବଦ୍ଧ କରାଯିବ।

(ଝ) ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଅନ୍ୟ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଥିବେ ବା ବହୁତ ଗୁଡ଼ିକ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଥିବେ, କିମ୍ବା ଗୋଟିଏ ପରିବାରର ଏକାଧିକ ସଦସ୍ୟା ଗୋଟିଏ ଦଳର ସଭ୍ୟା ଥିବେ, ସେହି ଦଳକୁ ଓଡ଼ିଶା ବନାଞ୍ଚୟ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରୁ ବାଦ ଦଆଯିବ।

(ଞ) ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଏକା ପ୍ରକାର ଜୀବିକା ଅର୍ଜନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଥିବେ ଏବଂ ସେମାନଙ୍କ ପାଖରେ ପୁଞ୍ଜି ଗଠନ କରିବାର କ୍ଷମତା ଓ ଉତ୍ସାହ ଥିବ, ସେମାନଙ୍କୁ ପ୍ରକଳ୍ପ ଅଧିନରେ କାର୍ଯ୍ୟକ୍ରମ କରିବା ପାଇଁ ଚୟନ କରାଯିବ। ଏହା ଦ୍ୱାରା ଭବିଷ୍ୟତରେ ପ୍ରକଳ୍ପ ଅଧିନରେ ପୁଞ୍ଜିଗଠନ କରିବା ସୁନିଶ୍ଚିତ ହେବ।

(ଟ) ଗ୍ରାମର ଅନ୍ୟ ସ୍ୱୟଂ ସହାୟକ ଗୋଷ୍ଠୀମାନେ କିପରି ବିଭିନ୍ନ ସରକାରୀ ବିଭାଗ ଯଥା ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି ପ୍ରଭୃତି କାର୍ଯ୍ୟକ୍ରମ ଅଧୀନରେ କାର୍ଯ୍ୟ କରିପାରିବେ, ସେ ବିଷୟରେ ପଦକ୍ଷେପ ନିଆଯାଇପାରେ।

(ଠ) ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ସହାୟତାରେ କାର୍ଯ୍ୟ କରୁଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ଉଦ୍ଦିଷ୍ଟ ନିର୍ଦ୍ଦେଶାବଳୀ ଅନୁସାରେ, ପ୍ରକଳ୍ପ ଅଧୀନରେ କାର୍ଯ୍ୟ କରିବାକୁ ପଡ଼ିବ। ଏହାଦ୍ୱାରା ଭବିଷ୍ୟତରେ ପ୍ରକଳ୍ପ ଅବଧି ଶେଷ ହେବାପରେ ମଧ ଉକ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ, ଓଡ଼ିଶା ଜୀବିକା ମିଶନ ଅଧୀନରେ କାର୍ଯ୍ୟ କରିପାରିବେ।

(ଡ) ଗ୍ରାମର ଅନ୍ୟ ସ୍ୱୟଂ ସହାୟକ ଗୋଷ୍ଠୀମାନେ କିପରି ବିଭିନ୍ନ ସରକାରୀ ବିଭାଗ ଯଥା ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି ପ୍ରଭୃତି କାର୍ଯ୍ୟକ୍ରମ ଅଧୀନରେ କାର୍ଯ୍ୟ କରିପାରିବେ, ସେ ବିଷୟରେ ସମୟୋପଯୋଗୀ ପଦକ୍ଷେପ ନିଆଯାଇପାରେ।

**୨.୯ ସ୍ୱୟଂ ସହାୟକ ଗୋଷ୍ଠୀର ମୂଳତଥ୍ୟ ସର୍ବେକ୍ଷଣ ଓ ସଭ୍ୟାମାନଙ୍କର ବିବରଣୀ :** ବନ ସୁରକ୍ଷା ସମିତିର ସଭ୍ୟ ସଚିବ, ଗ୍ରାମ୍ୟ ସଚେତକ (Animator) ଏବଂ ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ (P-NGO)ର କର୍ମକର୍ତ୍ତାମାନଙ୍କ ସହାୟତାରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ବିଷୟରେ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରାଯିବ। ଏହି ତଥ୍ୟଗୁଡ଼ିକ ସଂଶ୍ଳିଷ୍ଟ-୪ (Annexure-IV)ରେ ଠିକ୍ ଭାବରେ ଲିପିବଦ୍ଧ କରାଯିବ। ଏହି କାର୍ଯ୍ୟ ବନ ସୁରକ୍ଷା ସମିତିର ସମ୍ପାଦକ ସମ୍ପାଦନ କରିବେ, ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି ଏହାର ସତ୍ୟାସତ୍ୟକୁ ପରୀକ୍ଷା କରିବେ ଏବଂ କ୍ଷେତ୍ରୀୟ ପରିଚାଳନା ସଂସ୍ଥାର ମୁଖ୍ୟ ଏହାର ଦୃଢ଼ୀକରଣ କରିବେ। ମୁଖ୍ୟତଃ ସଭ୍ୟାମାନଙ୍କର ଜୀବିକା, ବିଭିନ୍ନ ଆୟର ପନ୍ଥା, ସଞ୍ଚୟ, ପରିବାରର କେଉଁମାନେ ଏହି ରୋଜଗାର ପନ୍ଥାରେ ଲିପ୍ତ ଅଛନ୍ତି, କଞ୍ଚାମାଲ୍ ସଂଗ୍ରହ, ପ୍ରକିୟାକରଣ, କାରିଗରୀ ତତ୍ତ୍ୱ, ଯନ୍ତ୍ରପାତି, ଭିତ୍ତିଭୂମି, ଶେଷ ଉତ୍ପାଦିତ ପଦାର୍ଥ, ବ୍ୟବସାୟ-ବଣିଜ, ଲାଭ ଓ ବ୍ୟବସାୟର ବୃଦ୍ଧି ଇତ୍ୟାଦି ବିଷୟରେ ବିଭିନ୍ନ ତଥ୍ୟ ସଂଗ୍ରହ କରାଯିବ। ଏଥି ସହିତ ବିଭିନ୍ନ ଫଳପ୍ରଦ ସମ୍ପତ୍ତି, ଦକ୍ଷତା, ଆୟ, ବିଭିନ୍ନ ବାଧାବିଘ୍ନ ଇତ୍ୟାଦି ବିଷୟରେ ମଧ୍ୟ ତଥ୍ୟ ସଂଗ୍ରହ କରାଯିବ। ସ୍ୱୟଂ ସହାୟକ ଦଳଗୁଡ଼ିକ ଚିହ୍ନଟ, ପୁଞ୍ଜି ଏବଂ ବନ ସୁରକ୍ଷା ସମିତି ସହ ସଂଯୋଗ ସ୍ଥାପନ କରିବା ପାଇଁ ଗୋଟିଏ ସୂଚନ ମାନଦଣ୍ଡ ପ୍ରସ୍ତୁତ କରାଯାଇଛି, ତାହା କ୍ର.ନଂ.୨୬, ସଂଶ୍ଳିଷ୍ଟ-୩ (Annexure-III)ରେ ବର୍ଣ୍ଣିତ ହୋଇଛି

**୨.୧୦ ସ୍ୱୟଂ ସହାୟକ ଗୋଷ୍ଠୀର ଅନ୍ତିମ ଚୟନ ପ୍ରକ୍ରିୟା :** ସର୍ବଶେଷରେ, ସ୍ୱୟଂ ସହାୟକ ଗୋଷ୍ଠୀର ଚୟନ ପ୍ରକ୍ରିୟା ଗୋଟିଏ ଯୁଗ୍ମ କମିଟି ଦ୍ୱାରା ସ୍ଥିରିକୃତ ହେବ। ସେହି କମିଟିର ମୁଖ୍ୟ ଭାବରେ ଖଣ୍ଡୀୟ ପରିଚାଳନା ସଂସ୍ଥା (DMU)ର SMS (Livelihood, Rural Finance & Marketing) କାର୍ଯ୍ୟ ସମ୍ପାଦନ କରିବେ। ବନ ସୁରକ୍ଷା ସମିତି କାର୍ଯ୍ୟନିର୍ବାହୀ କମିଟିର ଅନ୍ୟୁନ ପାଞ୍ଚଜଣ ସଭ୍ୟସଭ୍ୟା (ଅତି କମ୍‌ରେ ଦୁଇଜଣ ମହିଳା) ବନ ସୁରକ୍ଷା ସମିତିର ସଭ୍ୟ/ସଭ୍ୟା ସଚିବ, କ୍ଷେତ୍ରୀୟ ପରିଚାଳନା ସଂସ୍ଥାର ସଂଯୋଜକ (FMU Coordinators) ସହଯୋଗୀ ସ୍ୱେଚ୍ଛାସେବୁ ଅନୁଷ୍ଠାନ (P-NGO) ମାନଙ୍କର ପ୍ରତିନିଧି, ଗ୍ରାମ ସଚେତକ (Animator) ବନ ସୁରକ୍ଷା ସମିତିର ମହିଳା ଗ୍ରାମ ସଚେତକଙ୍କ ସହ) ଉକ୍ତ କମିଟିର ସଭ୍ୟସଭ୍ୟା ଭାବରେ କାର୍ଯ୍ୟ ସମ୍ପାଦନ କରିବେ।

୨.୧୧ ପ୍ରକଳ୍ପ ଅଧୀନରେ ଅନ୍ତର୍ଭୁକ୍ତ ହେବାପାଇଁ ଚୟନ କରାଯାଇଥିବା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଏକ ଚୟନ ତାଲିକା କ୍ଷେତ୍ରୀୟ ପରିଚାଳନା ମୁଖ୍ୟଙ୍କ ଦ୍ୱାରା ଗୃହିତ ହୋଇ, ଖଣ୍ଡୀୟ ପରିଚାଳନା ମୁଖ୍ୟଙ୍କ ନିକଟକୁ ଅନୁମୋଦନ ପାଇଁ ପ୍ରେରଣ କରାଯିବ। ଅନୁମୋଦିତ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଗୋଟିଏ ତାଲିକା, ପ୍ରକଳ୍ପ ପରିଚାଳନା ସଂସ୍ଥା (FMU)ଙ୍କୁ ପ୍ରଦାନ କରାଯିବ। ଏହାର ଏକକିତା ନକଲ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅଧୀନସ୍ଥ ଯୋଜନା ପରିଚାଳନା ସଂସ୍ଥାରେ ସ୍ଥାପିତ ଜୀବିକା ସମ୍ବଳ କେନ୍ଦ୍ର (Livelihood Resource Centre)କୁ ପ୍ରେରଣ କରାଯିବ।

# ୩

# ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ସଶକ୍ତିକରଣ ଏବଂ କାର୍ଯ୍ୟପ୍ରଣାଳୀ

୩.୧ ଏହି ପ୍ରକଳ୍ପ ଅଧିନରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସଶକ୍ତିକରଣ କରିବା ପାଇଁ ସମସ୍ତ ପ୍ରକାର ଚେଷ୍ଟା କରାଯିବ। ଏଥିପାଇଁ ମୁଖ୍ୟ ପରିଚାଳନା ସଂସ୍ଥା ସ୍ୱାରା ଓ ଜୀବିକା ସମ୍ବଳ କେନ୍ଦ୍ରଙ୍କ ଦ୍ୱାରା ପ୍ରଣୀତ ନିର୍ଦ୍ଦେଶାବଳୀ, ବିଭିନ୍ନ ନୀତି ଓ ନିୟମମାନ ପ୍ରସ୍ତୁତ ହେବା ଉଚିତ। ଏହା ଖଣ୍ଡୀୟ ପରିଚାଳନା ସଂସ୍ଥା, କ୍ଷେତ୍ରୀୟ ପରିଚାଳନା ସଂସ୍ଥା ଓ ବନସୁରକ୍ଷା ସମିତି ସ୍ତରରେ ଠିକ୍ ରୂପେ କାର୍ଯ୍ୟକାରୀ ହେବା ବିଧେୟ।

୩.୨ ବନସୁରକ୍ଷା ସମିତି ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଠିକ୍ ସମୟରେ ଓ ଦରକାର ମୁତାବକ ଋଣ ପ୍ରଦାନ ଏବଂ ସମୟ ମୁତାବକ ସ୍ୱୟଂ ସହାୟକ ଗୋଷ୍ଠୀର ବନସୁରକ୍ଷା ସମିତିକୁ ଋଣ ପରିଶୋଧ ଏବଂ ବନସୁରକ୍ଷା ସମିତି ଦ୍ୱାରା ଋଣର ଆବର୍ତ୍ତନ କରିବା ପ୍ରଭୃତି ବ୍ୟବସ୍ଥା ଭଲଭାବେ ଦୃଷ୍ଟି ରଖାଯିବା ଉଚିତ। ଏହା ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ପଡ଼ିବ ଯେପରି, ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ କମ୍ ସମୟ ବ୍ୟବଧାନରେ ଭିନ୍ନ ଭିନ୍ନ ରୋଜଗାର ଭିତ୍ତିକ କାର୍ଯ୍ୟକ୍ରମ ପାଇଁ ସଂଖ୍ୟାଧିକ ଋଣର ଆବର୍ତ୍ତନ ବ୍ୟବସ୍ଥା କରାଯାଇ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପରିବାରମାନଙ୍କ ଜୀବିକା ଅର୍ଜନରେ ନିରନ୍ତରତା ବଜାୟ ରଖାଯାଇ ପାରିବ।

୩.୩ ହିତାଧିକାରୀମାନଙ୍କ ପାଇଁ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ବିଷୟରେ ସବୁ ସ୍ତରରେ ବିଭିନ୍ନ ପ୍ରଶିକ୍ଷଣ ବ୍ୟବସ୍ଥା କରାଯିବ। ଏହି ପ୍ରଶିକ୍ଷଣମାନଙ୍କ ମଧ୍ୟରେ ବୈଜ୍ଞାନିକ ପଦ୍ଧତିରେ ଲଘୁ ବନଜାତ ପଦାର୍ଥ ସଂଗ୍ରହ, ଲଘୁ ବନଜାତ ପଦାର୍ଥ ଗୁଡ଼ିକର ମୂଲ୍ୟଯୁକ୍ତ ପ୍ରକ୍ରିୟାକରଣ, ଉଚିତ ସଂରକ୍ଷଣ ବ୍ୟବସ୍ଥା, ସୁନ୍ଦର ଓ ଲୋଭନୀୟ ପ୍ୟାକିଂ ବ୍ୟବସ୍ଥା ଏବଂ ବ୍ୟବସାୟ ପାଇଁ ଅନ୍ୟାନ୍ୟ ବିଭିନ୍ନ ସୁବିଧା ଆଦି ଅନ୍ୟତମ। ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବ୍ୟକ୍ତିଗତ ଭାବେ ସହାୟତା କରିବା ସହିତ ଏହି ବ୍ୟବସ୍ଥାମାନଙ୍କ ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେବାକୁ ପଡ଼ିବ। ଏହି କାର୍ଯ୍ୟକ୍ରମ ଗୁଡ଼ିକ କାର୍ଯ୍ୟକ୍ଷମ କରିବା ପାଇଁ ଯେଉଁ ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ଧ୍ୟାନଦେବାକୁ ପଡ଼ିବ, ତାହା ସଂକ୍ଷିପ୍ତ ଭାବେ ନିମ୍ନ ସାରଣୀରେ ଲିପିବଦ୍ଧ କରାଗଲା।

| କେଉଁ ବିଷୟରେ ଧ୍ୟାନ ଦିଆଯିବ | ବ୍ୟକ୍ତିଗତ ଭାବେ ସ୍ୱତନ୍ତ୍ର ସହାୟତା ପ୍ରଦାନ ପାଇଁ ଯାହା ଆବଶ୍ୟକ ତାହାର ବର୍ଣ୍ଣନା |
|---|---|
| କେଉଁ ବିଷୟ ପ୍ରତି ସଚେତନ ହେବ ଉଚିତ | ୧. ସ୍ୱୟଂ ସହାୟକ ଗୋଷ୍ଠୀର ଅର୍ଥ, ଉଦ୍ଦେଶ୍ୟ ଓ କାର୍ଯ୍ୟପ୍ରଣାଳୀ ବିଷୟରେ ଭଲ ଭାବରେ ବୁଝିବା ।<br>୨. ଋଣ ଗ୍ରହଣ ଏବଂ ସଞ୍ଚୟର ନିୟମମାନ ସମସ୍ତେ ହୃଦୟଙ୍ଗମ କରିବା<br>୩. ସ୍ୱୟଂ ସହାୟକ ଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ (ଗ୍ରାମରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ନିଶା ନିବାରଣ, ନିଜ ନିଜ ମଧ୍ୟରେ ଥିବା ଅନ୍ତର୍ଦ୍ୱନ୍ଦ୍ୱର ଦୂରୀକରଣ ବିଷୟ ଇତ୍ୟାଦିରେ) ଅବଗତ ହେବା ।<br>୪. ପରିବେଶ ସମ୍ପର୍କୀୟ ଶିକ୍ଷା- ସ୍ଥାନୀୟ ବିଭିନ୍ନ ପ୍ରାକୃତିକ ସମ୍ବଳ ଯଥା ଜଙ୍ଗଲ, ଜଳ ଏବଂ ଜମି ଇତ୍ୟାଦିର ପରିଚାଳନାରେ ସମ୍ପୃକ୍ତି ଓ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ଭାଗନେବା ।<br>୫. ଦଳମାନଙ୍କର ନିୟମ କାନୁନୁ ବିଷୟରେ ଅବଗତ ହେବା ଏବଂ ନୂତନ ନିୟମ କାନୁନ ଆବଶ୍ୟକତା ଅନୁଯାୟୀ ପ୍ରସ୍ତୁତ କରିବା ।<br>୬. ବ୍ୟାଙ୍କ / ଅନ୍ୟାନ୍ୟ ଆର୍ଥିକ ଅନୁଷ୍ଠାନମାନଙ୍କର ବିଭିନ୍ନ ନିୟମ କାନୁନ ବିଷୟରେ ଅବଗତ ହେବା ଏବଂ ଅନ୍ୟାନ୍ୟ ପ୍ରକଳ୍ପମାନଙ୍କ ବିଷୟରେ ବୁଝିବା / ସଚେତନ ହେବା । |
| ସ୍ୱୟଂ ସହାୟକ ଗୋଷ୍ଠୀର ବୈଠକମାନଙ୍କ ବିଷୟରେ ସଚେତନ ହେବା | ୧. ବୈଠକଗୁଡ଼ିକ ନିୟମିତଭାବେ ଅନୁଷ୍ଠିତ ହେବା ଉଚିତ ।<br>୨. ବୈଠକ ହେବାର ସମୟ, ଦିନ ଓ ସ୍ଥାନ ପୂର୍ବରୁ ସ୍ଥିର ହେବା ଉଚିତ<br>୩. ବୈଠକର ସମସ୍ତ ବନ୍ଦୋବସ୍ତ ସଠିକ୍ ଭାବେ କରାଯିବା ଉଚିତ୍<br>୪. ବୈଠକର ସମସ୍ତ ବିଷୟ ମୁଖ୍ୟତଃ ଆର୍ଥିକ କାରବାର ବିଷୟ, ସ୍ୱଚ୍ଛ ଏବଂ ସରଳ ଭାବରେ ଆଲୋଚନା କରାଯିବା ଉଚିତ<br>୫. ବୈଠକରେ ସମସ୍ତ ସଭ୍ୟାମାନେ ଯୋଗଦାନ କରିବା ବାଧ୍ୟତାମୂଳକ କରାଯିବ ଏବଂ ଯେଉଁମାନେ ବୈଠକରେ ଇଚ୍ଛାକୃତ ଭାବେ ଯୋଗଦାନ କରିବେ ନାହିଁ, ସେମାନଙ୍କୁ ଜୋରିମାନା କରାଯିବାର ବ୍ୟବସ୍ଥା ରଖାଯିବ ।<br>୬. ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ବୈଠକରେ ଆବଶ୍ରକତା ମୁତାବକ ଗ୍ରାମ ସଚେତକମାନେ ସହାୟତା କରିବାରେ ବ୍ୟବସ୍ଥା ରହିବ । |
| ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ସଞ୍ଚୟ ଓ ଋଣ ସହାୟତା | ୧. ନିୟମିତ ଜମା ବ୍ୟବସ୍ଥା, ବାଧ୍ୟତାମୂଳକ ଓ ଇଚ୍ଛାକୃତ ଜମା ବ୍ୟବସ୍ଥା<br>୨. ଦଳ ଭିତରେ କୌଣସି ଲାଭଜନକ ବ୍ୟବସାୟ ପାଇଁ ଏବଂ ଖର୍ଚ୍ଚ ପାଇଁ ଋଣ ବ୍ୟବସ୍ଥା<br>୩. ଜମା ପାଇଁ ନିର୍ଦ୍ଦିଷ୍ଟ ଜମା ଖାତା ଓ ଋଣ ପାଇଁ ଉଦ୍ଦିଷ୍ଟ ଋଣ ଖାତା ପ୍ରସ୍ତୁତି<br>୪. ଋଣ ପ୍ରଦାନ ପ୍ରକ୍ରିୟା ସହମତି ଭିତ୍ତିରେ ହେବ |

| | |
|---|---|
| | ୫. ଋଣ ଆଦାୟ ସମୟ ଓ କିସ୍ତି ନିର୍ଦ୍ଦିଷ୍ଟ ଏବଂ ସରଳ ଭାବେ ଲେଖାଯିବା ଉଚିତ୍<br>୬. ସଠିକ ଋଣ ପରିଚାଳନା ଏବଂ ଋଣ ଖିଲାପକାରୀଙ୍କ ଉପରେ ଚାପ ପକାଇବା<br>୭. ଜମା ଓ ଋଣ ଖିଲାପକାରୀଙ୍କ ଉପରେ ଆର୍ଥିକ ଦଣ୍ଡ ବ୍ୟବସ୍ଥା |
| ଆୟ ବୃଦ୍ଧି ପାଇଁ କାର୍ଯ୍ୟକ୍ରମ | ୧. ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ସମ୍ବଳ ଏବଂ ବ୍ୟବସାୟ କେନ୍ଦ୍ର ମାନଙ୍କ ବିଷୟରେ ଅବଗତ ହେବା<br>୨. ବ୍ୟକ୍ତିଗତ, ଏକପ୍ରକାର ବ୍ୟବସାୟୀକ ଦଳ ଓ ସ୍ୱୟଂ ସହାୟକ ଦଳଭିତ୍ତିକ କାର୍ଯ୍ୟକ୍ରମ<br>୩. ଆୟ ବୃଦ୍ଧି କାର୍ଯ୍ୟକ୍ରମ ପାଇଁ ବ୍ୟବସାୟିକ ଯୋଜନା<br>୪. ଅର୍ଥ ସୁପରିଚାଳନା ପାଇଁ ବିଭିନ୍ନ ଆବଶ୍ୟକୀୟ ନଥିପତ୍ର ପ୍ରସ୍ତୁତ କରିବା<br>୫. ବ୍ୟାଙ୍କ ଓ ଅନ୍ୟାନ୍ୟ ଆର୍ଥୀକ ଅନୁଷ୍ଠାନମାନଙ୍କ ସହ ସ୍ୱୟଂ ସହାୟକ ଦଳର ଆର୍ଥିକ ସଂଯୋଗୀକରଣ |
| ପୁଞ୍ଜି ଓ ଜୀବନ ସମ୍ବଳ କେନ୍ଦ୍ର ସହ ସଂଯୋଗୀକରଣ | ୧. ପୁଞ୍ଜି ଗୁଡ଼ିକର ସଭ୍ୟା ଚୟନ<br>୨. ବୈଜ୍ଞାନିକ ପଦ୍ଧତିରେ ସଂଗ୍ରହ ଏବଂ ସ୍ୱୟଂ ସହାୟକ ଦଳ ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ସଠିକ ପ୍ରକ୍ରିୟାକରଣ<br>୩. ଗୁଣାତ୍ମକ ଓ ବଜାର ଚାହିଦା ମୁତାବକ ମୂଲ୍ୟଯୁକ୍ତ ଉତ୍ପାଦନ ଓ ଆବରଣ (Packaging) ବ୍ୟବସ୍ଥା<br>୪. ବିଭିନ୍ନ ଆୟ ବୃଦ୍ଧିକାରୀ କାର୍ଯ୍ୟକ୍ରମ ଜରିଆରେ ଉତ୍ପାଦିତ ପଦାର୍ଥଗୁଡ଼ିକର ବ୍ୟବସାୟୀକରଣ କରିବା ପାଇଁ ସ୍ଥାନୀୟ ବଜାର, ସହର ବ୍ୟବସାୟୀ ରାଜ୍ୟ ବାହାରର ବ୍ୟବସାୟୀମାନଙ୍କ ସହ ଯୋଗାଯୋଗ<br>୫. ଯେତେ ପ୍ରକାର ସମ୍ଭବ ପଦାର୍ଥ ଗୁଡ଼ିକର ମୂଲ୍ୟ ବୃଦ୍ଧି / ମୂଲ୍ୟ ଯୁକ୍ତ ପ୍ରକ୍ରିୟା କରାଯାଇପାରିବ ତାହା କରାଯିବା ଉଚିତ। |
| ସଠିକ ହିସାବ ଓ ପରିଚାଳନା ନିମନ୍ତେ ନଥିପତ୍ର ପ୍ରସ୍ତୁତି ଓ ତାକୁ ଦାୟୀତ୍ୱରେ ରଖିବା | ୧. ନଥିପତ୍ର ପ୍ରସ୍ତୁତ ସମୟରେ ସ୍ୱଚ୍ଛତା ଅବଲମ୍ବନ କରାଯିବା ଉଚିତ। ଏହା ସ୍ୱଚ୍ଛ ଏବଂ ସରଳ ଭାବେ ଲେଖାଯିବା ଉଚିତ।<br>୨. ଗ୍ରାମ ସଚେତକଙ୍କ ଦ୍ୱାରା ସଠିକ ହିସାବ ଓ ପରିଚାଳନା ପାଇଁ ନଥିପତ୍ର ପ୍ରସ୍ତୁତ କରିବା ପାଇଁ ସହାୟତା ପ୍ରଦାନ କରିବା ଏବଂ ତା'ର ନିୟମିତ ପ୍ରସ୍ତୁତ କରିବା ପାଇଁ ସହାୟତା ପ୍ରଦାନ କରିବା ଏବଂ ତାର ନିୟମିତ ତଦାରଖ କରିବା। |

*ବି.ଦ୍ର: ଗ୍ରାମ ସଚେତକ ଓ ସହଭାଗୀ ସ୍ୱେଚ୍ଛାସେବୀମାନେ ସମସ୍ତ ସହାୟତା ପ୍ରଦାନ କରିବେ*

୩.୪ ଗୋଟିଏ କ୍ଷେତ୍ରୀୟ ପରିଚାଳନା ସଂସ୍ଥା ଅଧୀନରେ ଚିହ୍ନଟ ହୋଇଥିବା ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ତାଙ୍କର ପାଇଥିବା ସୂଚକାଙ୍କ ଓ କାର୍ଯ୍ୟ ଆଧାରକୁ ନେଇ ଦୁଇ ଭାଗରେ ବିଭକ୍ତ କରାଯିବ। କ୍ଷେତ୍ରୀୟ ପରିଚାଳନା ସଂସ୍ଥା ସଂଯୋଜକ (FMU Coordinators, Microplanning and Livelihood Support) ଏହାର ତଥ୍ୟ ପ୍ରସ୍ତୁତ କରି ଖଣ୍ଡୀୟ ପରିଚାଳନା ସଂସ୍ଥାଙ୍କୁ ପଠାଇବେ ଓ ଏହି ତଥ୍ୟକୁ ଖଣ୍ଡୀୟ ପରିଚାଳନା ସଂସ୍ଥା, ପ୍ରକଳ୍ପ ପରିଚାଳନା ସଂସ୍ଥା ଓ ଜୀବିକା ସମ୍ବଳ କେନ୍ଦ୍ରକୁ ପଠାଇବ। ପ୍ରଥମ ଭାଗରେ ଅଧିକ ନମ୍ବର ରଖିଥିବା ତିନୋଟି ସ୍ୱୟଂ ସହାୟକ ଦଳଙ୍କୁ ବିବେଚନା କରାଯାଇ ସେମାନେ ପୁଞ୍ଜି ଦ୍ୱାରା ସିଧାସଳଖ ଆର୍ଥିକ ଓ ପରିଚାଳନାଗତ ସହାୟତା ପ୍ରଦାନ କରାଯିବ ଓ ଅନ୍ୟ ସ୍ୱୟଂ ସହାୟକ ଦଳଙ୍କୁ ବନ ସୁରକ୍ଷା ସମିତି ମାଧ୍ୟମରେ ଆର୍ଥିକ ଓ ପରିଚାଳନାଗତ ସହାୟତା ପ୍ରଦାନ କରାଯିବାର ସୁବନ୍ଦୋବସ୍ତ କରାଯାଇଛି।

୩.୫ ବନ ସଂରକ୍ଷଣ ସମିତିର ସମ୍ପାଦକ/ସମ୍ପାଦିକ ସ୍ୱୟଂ ସହାୟକ ଗୋଷ୍ଠୀର ଏକ ତାଲିକା ନିଜ ପାଖରେ ରଖିବେ। ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ବିବରଣୀ ତଥା ସେମାନଙ୍କର କାର୍ଯ୍ୟକଳାପ, ଅଭିଜ୍ଞାତା, ଦଳର ନିୟୋଜିତ ବୈଠକ, ସ୍ୱୟଂ ସହାୟକ ଗୋଷ୍ଠୀକୁ ଆର୍ଥିକ ଅନୁଦାନ, ଅଭ୍ୟନ୍ତରୀଣ ଆର୍ଥିକ କାରବାର, ଆୟବୃଦ୍ଧି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟ ଗୁଡ଼ିକର ସଠିକ ଓ ମୁଲ୍ୟଯୁକ୍ତ ବ୍ୟବସାୟ ହିସାବ ଖାତା ଓ ଅନ୍ୟାନ୍ୟ ବହି/ଖାତା ପ୍ରସ୍ତୁତି ଓ ସଠିକ ପରିଚାଳନା ଇତ୍ୟାଦି ଉଲ୍ଲେଖ କରି ସେମାନଙ୍କୁ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରିବେ।

୩.୬ ସ୍ୱୟଂ ସହାୟକ ଗୋଷ୍ଠୀର ବୈଠକ ପାଇଁ ସ୍ଥାନ, ସମୟ ତାରିଖ ଇତ୍ୟାଦି ସହଭାଗିତାରେ ନିର୍ଦ୍ଧାରଣ ଓ ପୁନଃ ନିର୍ଦ୍ଧାରଣ କରାଯିବ, ଯେପରି ଏହା ସହାୟକ (ସହଭାଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭ୍ୟ/ସଭ୍ୟା ଗ୍ରାମ ସଚେତକ) ଓ ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ସଭ୍ୟା ଓ ଗୋଷ୍ଠୀ ନିର୍ବିଶେଷରେ ସମସ୍ତଙ୍କୁ ସୁହାଉଥିବ। ପ୍ରତି ବୈଠକରେ ଅତିକମ୍‌ରେ ୩/୪ ଭାଗ ସଭ୍ୟା ଉପସ୍ଥିତ ରହିବା ଦରକାର। ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକ ବୈଠକ ଶେଷରେ ସ୍ୱୟଂ ସହାୟକ ଗୋଷ୍ଠୀର ବିବରଣୀ ଖାତା ଉଲ୍ଲେଖ କରିବେ।

୩.୭ କ୍ଷେତ୍ରୀୟ ପରିଚାଳନା ସଂସ୍ଥାର ସଂଯୋଜକ, କ୍ଷେତ୍ରୀୟ ପରିଚାଳନା ସଂସ୍ଥା (FMU) ସ୍ତରରେ ଓ ଖଣ୍ଡୀୟ ସ୍ତରରେ SMS (Livelihood Rural Finance and Marketing), ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ବିଭିନ୍ନ ବୈଠକ ଗୁଡ଼ିକର ବିବରଣୀ ବୈଠକ ଖାତାରେ ଲିପିବଦ୍ଧ କରିବା ପାଇଁ ସ୍ଥିର କରାଯାଇଛି।

୩.୮ ସ୍ୱୟଂ ସହାୟକ ଗୋଷ୍ଠୀର ବୈଠକ ଅତିକମ୍‌ରେ ମାସକୁ ଥରେ ଅନୁଷ୍ଠିତ ହେବା ଉଚିତ। ସେଥିରେ ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଜଣେ ପ୍ରତିନିଧି ନିଶ୍ଚିତ ଭାବେ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ବୈଠକର ନିଆଯାଇଥିବା ନିଷ୍ପତ୍ତିମାନଙ୍କୁ ନେଇ ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏକ ମାସିକ ଯୋଜନା ପ୍ରସ୍ତୁତ କରିବେ ଏବଂ ଏହା ତାଙ୍କର ରିପୋର୍ଟରେ ଦର୍ଶାଇବେ।

# ୪

# ପ୍ରକଳ୍ପ ସ୍ତରରେ କେଉଁ କେଉଁ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ହାତକୁ ନିଆଯିବ

୪.୧ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ବିଭିନ୍ନ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ଗୁଡ଼ିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧମରେ କରାଯିବ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଏକ ଅନୁଷ୍ଠାନ ଭାବରେ ସଶକ୍ତିକରଣ କରିବା, ସେମାନଙ୍କ ବ୍ୟବସାୟୀକ ଯୋଜନାରେ ସହାୟତା, ଋଣ, ଗୁଣାତ୍ମକ ଓ ମୂଲ୍ୟଯୁକ୍ତ ଉତ୍ପାଦନ ଏବଂ କ୍ରୟ/ବିକ୍ରୟ ପାଇଁ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ସହ ଯୋଗାଯୋଗ ଇତ୍ୟାଦିରେ ସହାୟତା କରିବାର ସୁବନ୍ଦୋବସ୍ତ ପ୍ରକଳ୍ପ ଦ୍ୱାରା କରାଯାଇଛି।

୪.୨ ପୂର୍ବରୁ ପ୍ରକଳ୍ପ ତରଫରୁ କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମର ଉତ୍ପାଦନ ପ୍ରକ୍ରିୟା, ଗୁଣାତ୍ମକ ଓ ମୂଲ୍ୟଯୁକ୍ତ ଉତ୍ପାଦନ, ସମୂହ କ୍ରୟ/ବିକ୍ରୟ, ସ୍ୱୟଂ ସହାୟକ ଗୋଷ୍ଠୀ ମାଧମରେ ଖୁଚୁରା କ୍ରୟ/ବିକ୍ରୟ ଇତ୍ୟାଦିର ଅଭିଜ୍ଞତାରୁ ଜଣା ପଡ଼ିଛି ଯେ, ବିଭିନ୍ନ ରୋଜଗାର ସୃଷ୍ଟି କାର୍ଯ୍ରକ୍ରମର ସଫଳତା ପାଇଁ ଉତ୍ପାଦନ ପୁଞ୍ଜି ଗଠନ କରି, ଉତ୍ପାଦିତ ଦ୍ରବ୍ୟର ସମୂହ ବିକ୍ରି କରିବା ଦ୍ୱାରା ଅଧିକ ଲାଭ କରିବା ସହିତ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନଙ୍କର ଅଧିକ ଆୟ ପାଇଁ ସୁଯୋଗ ସୃଷ୍ଟି କରାଯାଇ ପାରିବ।

୪.୩ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଜଙ୍ଗଲ ଚତୁଃପାର୍ଶ୍ୱରେ ରହୁଥିବା ଗ୍ରାମବାସୀମାନଙ୍କ ପାଇଁ ବିଭିନ୍ନ ବିକଳ୍ପ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ଗୁଡ଼ିକ କାର୍ଯ୍ୟକାରୀ କରାଯିବାର ଚିନ୍ତା କରାଯାଇଛି। ଏଥିପାଇଁ ସ୍ୱତନ୍ତ୍ର ପ୍ରୟାସ କରାଯିବା ସହ ପ୍ରକଳ୍ପ ପରିଚାଳନା ସଂସ୍ଥାରେ ସ୍ଥାପିତ ଏକ ଜୀବିକା ସମ୍ବଳ କେନ୍ଦ୍ର (Livelihood Resource Center) ସୃଷ୍ଟି କରାଯାଇ ଏହାକୁ ଦାୟୀତ୍ୱ ଦିଆଯାଇଛି, ଏହି ସମ୍ବନ୍ଧ କେନ୍ଦ୍ର ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ସହାୟତା, ସ୍ୱୟଂ ସହାୟକ ଗୋଷ୍ଠୀର ପୁଞ୍ଜିମାନଙ୍କର ସମନ୍ୱୟତା ରକ୍ଷା କରିବା ସହ କାର୍ଯ୍ୟକ୍ରମଗୁଡ଼ିକର ନିରନ୍ତରତା ବଜାୟ ରଖିବ।

୪.୪ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ବିଭିନ୍ନ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ଗୁଡ଼ିକ କୌଣସି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନଙ୍କ ପରିବାରର ମୁଖ୍ୟ ଆୟ ସ୍ରୋତ ନୁହେଁ; କିନ୍ତୁ ଏହା ସେମାନଙ୍କ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବା ଓ ବିଭିନ୍ନ ଆର୍ଥିକ ସମସ୍ୟାର ସାମୟିକ ସମାଧାନ ପାଇଁ ସହାୟତାର ଏକ ପନ୍ଥା ଭାବେ କାମ କରିବ। ତେଣୁ ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଅତ୍ୟଧିକ ଲାଭାନ୍ୱିତ ହେବାର ସମ୍ଭାବନା କମ୍ ଥାଏ। ତଥାପି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ସେମାନଙ୍କ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବା ଓ ବିଭିନ୍ନ ଆର୍ଥିକ ସମସ୍ୟାର ସାମୟିକ ସମାଧାନ ପାଇଁ ସହାୟତା ପାଇବାର ଆଶା ଏବଂ ସମ୍ଭାବନା ଥାଏ। ଏଥି ସହିତ ପ୍ରକଳ୍ପ ଅଞ୍ଚଳରେ ବସବାସ କରୁଥିବା ସମସ୍ତ ବ୍ୟକ୍ତି କିମ୍ବା ପରିବାରମାନଙ୍କୁ ବିଭିନ୍ନ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମରେ ସାମିଲି କରିବା ପାଇଁ ଏହି ପ୍ରକଳ୍ପ ତାର ଦ୍ୱାର ଉନ୍ମୁକ୍ତ ରଖିଛି

# ୫

# ପ୍ରକଳ୍ପ ସ୍ତରରେ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ପାଇଁ ମୁଖ୍ୟତଃ କେଉଁ କେଉଁ ବିଷୟରେ ଦୃଷ୍ଟି ଦିଆଯିବ

୫.୧ ଓଡ଼ିଶା ବନାଞ୍ଚଳ ଉନ୍ନୟନ ସଂସ୍ଥାର ଅଧୀନରେ ଜଙ୍ଗଲ ଚତୁଃପାର୍ଶ୍ୱରେ ରହୁଥିବା ଗ୍ରାମବାସୀମାନଙ୍କ ପାଇଁ ପୂର୍ବରୁ କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମର ଅଭିଜ୍ଞତାରୁ ଜଣାପଡ଼ିଛି ଯେ ଆର୍ଥିକ ସହାୟତା ସହିତ ଏହାର ସଫଳତା ଏବଂ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମର ନିରନ୍ତରତା ବଜାୟ ରଖିବା ପାଇଁ ପ୍ରକଳ୍ପ ତରଫରୁ ବିଭିନ୍ନ ବିଷୟରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ଆବଶ୍ୟକ ଏଥିପାଇଁ ନିମ୍ନଲିଖିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଧ୍ୟାନ ଦେବାକୁ ପଡ଼ିବ:

(କ) ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ଗୁଡ଼ିକ ଲୋକମାନଙ୍କର ଆବଶ୍ୟକତାକୁ ନେଇ ହୋଇଥାଏ। ଏହା ବଜାରର ଆବଶ୍ୟକତା ଓ ଋଣ ଯୋଗାଣ ଉପରେ ନିର୍ଭର କରେ। କୌଣସି ପରିସ୍ଥିତିରେ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ପ୍ରକଳ୍ପ ତରଫରୁ ନିଜଆଡ଼ୁ ଠିକ୍ କରାଯିବା ଉଚିତ ନୁହେଁ। ପ୍ରାକୃତିକ ସମ୍ବଳକୁ ଦୃଷ୍ଟିରେ ରଖି ଲୋକମାନଙ୍କର ଆବଶ୍ୟକତା ପୂରଣ ଏବଂ ଆର୍ଥିକ ଲକ୍ଷ୍ୟକୁ ଦୃଷ୍ଟିରେ ରଖି କେଉଁ କାର୍ଯ୍ୟକ୍ରମ କରାଯିବ, ତାହା ସ୍ଥିର କରାଯାଏ।

(ଖ) ପ୍ରକଳ୍ପ ଦ୍ୱାରା କରାଯାଉଥିବା ବିଭିନ୍ନ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ଗୁଡ଼ିକର ସଫଳ ରୂପାୟନ ଓ ନରନ୍ତରତା ପାଇଁ, ସମ୍ବଳ ଭିତ୍ତିକ କାର୍ଯ୍ୟକ୍ରମ ସହିତ ହିତାଧିକାରୀମାନଙ୍କୁ ବିଭିନ୍ନ ତାଲିମ ଓ ପ୍ରଶିକ୍ଷଣ ମାଧ୍ୟମରେ ସେମାନଙ୍କର ଦକ୍ଷତା ବୃଦ୍ଧି କରାଇବା ନିତାନ୍ତ ଆବଶ୍ୟକ। ପରୋକ୍ଷରେ କହିବାକୁଗଲେ, ବ୍ୟକ୍ତିଗତ ଓ ସ୍ୱୟଂ ସହାୟକ ଦଳର ସଭ୍ୟାମାନଙ୍କୁ ବ୍ୟବସାୟ ପାଇଁ ଉଚିତ କ୍ଷେତ୍ରରେ ପ୍ରକୃଷ୍ଟ ତାଲିମ ଦିଆଯିବା ପାଇଁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟବସ୍ଥା କରାଯାଇଛି।

(ଗ) ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ଗୁଡ଼ିକ ତିଷ୍ଠି ରହିବା ପାଇଁ ସେମାନଙ୍କର ନିରନ୍ତରତା ବଜାୟ ରଖବବା ପାଇଁ ବିଭିନ୍ନ ବିଷୟରେ ପ୍ରକଳ୍ପ ତରଫରୁ ଦୃଷ୍ଟ ଦେବାକୁ ପଡ଼ିବ। ସେଗୁଡ଼ିକ ହେଉଛି, ସେମାନେ କେଉଁଠାରୁ ଋଣ ପାଇବେ, ସେମାନଙ୍କର ପ୍ରଶିକ୍ଷଣ, ବୃବସାୟ କରିବା ପାଇଁ ଦରକାର ପଡୁଥିବା କଞ୍ଚାମାଲର ଯୋଗାଣ ଓ ବିକ୍ରି ପାଇଁ ଆବଶଞ୍ଚକୀୟ ଅନୁଷ୍ଠାନ, ବଜାର ମାନଙ୍କର ଚିହ୍ନଟ ଇତ୍ୟାଦି ଇତ୍ୟାଦି। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ବିଭିନ୍ନ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ଗୁଡ଼ିକ ତିଷ୍ଠି ରହିବା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବାର ବ୍ୟବସ୍ଥା ରହିଛି।

# ୬

# ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ପ୍ରୋତ୍ସାହନ ଦିଆଯିବାକୁ ଥିବା ବିଭିନ୍ନ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମର ତାଲିକା

୬.୧ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଜଙ୍ଗଲ ଚତୁଃପାଶ୍ୱରେ ବସବାସ କରୁଥିବା ଗ୍ରାମବାସୀମାନଙ୍କ ଜୀବିକାରେ ସହାୟତା ପ୍ରଦାନ କରିବା ପାଇଁ ବିଭିନ୍ନ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ କରାଯିବାର ବନ୍ଦୋବସ୍ତ କରାଯାଇଛି ଯଥା: କୃଷି କ୍ଷେତ୍ର ଭିତରେ / ବାହାରେ, ଅଣକୃଷି ଭିତ୍ତିକ, ଲଘୁ ବନଜାତ ପଦାର୍ଥ ଦ୍ରବ୍ୟ ଇତ୍ୟାଦି। ଗୋଷ୍ଠୀମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମମାନ ନିମ୍ନରେ ବର୍ଣ୍ଣନା କରାଗଲା:

(କ) ବ୍ୟକ୍ତିଗତ ସ୍ତରରେ କିମ୍ବା ସମଭାବାପର୍ଣ୍ଣ ବ୍ୟବସାୟୀକ ଦଳ (CIG) କିପରି ଅଳ୍ପ ଋଣରେ କମ୍ ସମୟ ମଧ୍ୟରେ କିଛି କାର୍ଯ୍ୟକ୍ରମ କରିପାରିବେ, ପ୍ରସ୍ତୁତ ପଦାର୍ଥର ସ୍ଥାନୀୟ ବଜାରରେ ବିକ୍ରି ସୁବିଧା କରାଯାଇପାରିବ ଏବଂ ଅନ୍ୟାନ୍ୟ ବ୍ୟବସାୟ ଅନୁଷ୍ଠାନ, ସରକାରୀ ସଂସ୍ଥାମାନଙ୍କ ସହ ସଂଯୋଗୀକରଣ ଦ୍ୱାରା କିପରି ବିକ୍ରିବଟାକୁ ସହଜ ଏବଂ ସୁଗମ କରାଯାଇପାରିବ, ସେ ବିଷୟରେ ପ୍ରକଳ୍ପ ତରଫରୁ ପ୍ରକଳ୍ପ କର୍ମଚାରୀ, ଗ୍ରାମ ସଚେତକ, ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ନିରନ୍ତର ସହାୟତା ପ୍ରଦାନ କରିବାର ସୁବନ୍ଦୋବସ୍ତ କରାଯାଇଛି।

(ଖ) ଗୋଷ୍ଠୀ ସ୍ତରରେ କ୍ଷୁଦ୍ର ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମମାନ ଯେ କୌଣସି ଏକ ସଂଗୃହିତ ପଦାର୍ଥକୁ ନେଇ ପ୍ରସ୍ତୁତ କରାଯିବ। ସେଥିପାଇଁ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଋଣ ସହାୟତା, ଦଳଗତ ବ୍ୟବସାୟ, ଉତ୍ପାଦନ ହେବାକୁଥିବା ପଦାର୍ଥର ମୂଲ୍ୟବୃଦ୍ଧି ପ୍ରକ୍ରିୟା, ବ୍ୟବସାୟରେ ଉନ୍ନତିକରଣ ପାଇଁ ବିଭିନ୍ନ ବ୍ୟବସାୟ ସଂଗଠନ, ବୃହତ ବ୍ୟବସାୟ ସଂସ୍ଥା ଓ ବ୍ୟବସାୟ ଉନ୍ନତିକରଣ ସହାୟକ ସଂସ୍ଥା (BDS) ମାନଙ୍କ ସହ ସଂଯୋଗୀକରଣ କରି ଅଧିକ ଲାଭବାନ ହେବା ପାଇଁ ସହାୟତା ଯୋଗାଇ ଦିଆଯିବ।

(ଗ) ବିଭିନ୍ନ ପ୍ରସ୍ତୁତ ପଦାର୍ଥର ପୁଞ୍ଜ (Cluster)ମାନଙ୍କୁ ନେଇ ଗୋଟିଏ କିମ୍ବା ଏକାଧିକ ପୁଞ୍ଜ ଗଠନ କରାଯିବ। ଏହି ପୁଞ୍ଜଗୁଡ଼ିକ ନିମ୍ନଲିଖିତ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ସ୍ଥିର କରିବେ:

